ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 30 | 28 July - 03 August 2024 | Sambalpur | Pages- 8 | Invitation Price Rs.10

**ବେଆଇନ ଫ୍ଲାଏଆସ୍ ଡମ୍ପିଂ ଅଭିଯୋଗ**

## ବେଦାନ୍ତ ଓ ହିଣ୍ଡାଲକୋକୁ ଜରିମାନା ପାଇଁ ସୁପାରିଶ୍

ସମ୍ବଲପୁର: ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଫ୍ଲାଏଆସ୍ ପକାଇବା ପରେ ମାଫିଆ ମାନଙ୍କର ଦୃଷ୍ଟି ଏବେ ସମ୍ବଲପୁର ଜିଲ୍ଲା ଉପରେ ପଡିଛି। ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଫ୍ଲାଏଆସ୍ ମାଫିଆମାନେ ବେଆଇନ ଭାବେ ଫ୍ଲାଏଆସ୍ ପକାଉଥିବାରୁ ଏହି ଜିଲ୍ଲା ମଧ ବାୟୁ ଓ ଜଳ ପ୍ରଦୂଷଣର ଶିକାର ହେବା ଆଶଙ୍କା ଦେଖା ଦେଇଛି। ଏଥିପାଇଁ ପ୍ରବଳ ଜନ ଅସନ୍ତୋଷ ଦେଖାଦେବାରୁ ତାହା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇଛି।

ତେବେ ଇତିମଧରେ ସମ୍ବଲପୁର ଜିଲ୍ଲା ସ୍ଥାନରେ ବେଦାନ୍ତ ବେଆଇନ ପାଉଁଶ ଡମ୍ପିଂ କରିବା ମାମଲାରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପ୍ରାୟ ୨୩ ଲକ୍ଷ ଟଙ୍କା ଜୋରିମାନା ପାଇଁ ସୁପାରିଶ କରିଛି। ସମ୍ବଲପୁର ସହର ଉପକଣ୍ଠ ସମେତ ଜିଲାର ବିଭିନ୍ନ ସ୍ଥାନରେ ବୃହତ୍ ଶିଳ୍ପସଂସ୍ଥା ଗୁଡ଼ିକ ମନଇଚ୍ଛା ପାଉଁଶ ଡମ୍ପିଂ କରୁଥିବା ବେଳେ ସେଥିପାଇଁ କାହାରି ପାଖରୁ ଅନୁମତି ନେଉନାହାନ୍ତି। ଅଭିଯୋଗ ପରେ ସମ୍ବଲପୁର ପ୍ରଦୂଷଣ ନିୟନ୍ତ୍ରଣ (ଓଏସ୍‌ପିସିବି) ବିଭାଗ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବାମରା ବ୍ଲକ ଅନ୍ତର୍ଗତ ବାଉରିଡିହି ଗାଁ ନିକଟ ବିଜାଡିହି ଠାରେ ମିଟର ଗଭୀର ପର୍ଯ୍ୟନ୍ତ ପ୍ରାୟ ୯୫୬୧ ଟନ୍ ପାଉଁଶ ବେଆଇନ ଭାବେ ଡମ୍ପିଂ କରିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତଦନ୍ତ ବେଳେ ପାଉଁଶ ଡମ୍ପିଂରେ ଲାଗିଥିବା ୭ଟି ଭାରୀଯାନକୁ ଗୋବିନ୍ଦପୁର ଥାନାରେ ଅଟକ ରଖାଯାଇଥିଲା। ସେହିପରି ଯୁଯୋମୁରା ତହସିଲ ଅନ୍ତର୍ଗତ ହାତୀବାରି ଠାରେ ବେଆଇନ ଭାବେ ପାଉଁଶ ଡମ୍ପିଂ ହେଉଥିବା ସଂକ୍ରାନ୍ତରେ ଅଭିଯୋଗ ମିଳିବା ପରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ୧୧ ତାରିଖ ନିରୀକ୍ଷଣ କରାଯାଇଥିଲା। ଏଥିରେ ୮୦ ବର୍ଗମିଟର କ୍ଷେତ୍ରରେ ପାଉଁଶ କରାଯାଇଥିବା ବେଳେ ୧.୬୮ ଏକର ଜମିରେ ପାଉଁଶ ଡମ୍ପ କରାଯାଉଥିବା ଦେଖା ଯାଇଥିଲା। ପ୍ରାୟ ୨ ମିଟର ଗଭୀର ଓ ୬୮୨୪ ବର୍ଗମିଟର ଆୟତନରେ ଅତିକମ୍‌ରେ ୩୦୩୫ ଟନ୍ ପାଉଁଶ ପକା ଯାଇଥିବା ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ଏସ.ଏନ. ନନ୍ଦ ଗତ ୧୫ ତାରିଖ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଭ୍ୟ ସଚିବଙ୍କୁ ପ୍ରଦତ୍ତ, ତଦନ୍ତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏଥିପାଇଁ ବେଦାନ୍ତ ଆଲୁମିନିୟମରୁ ୧୨ ଲକ୍ଷ ୭୯ ହଜାର ୫୦୦ ଟଙ୍କାର ଜୋରିମାନା ଆଦାୟ କରିବାକୁ ସୁପାରିଶ କରିଛନ୍ତି। ଅନୁରୂପ ଭାବେ ରେଙ୍ଗାଲି ତହସିଲ ଅନ୍ତର୍ଗତ ତବଡ଼ା ବା ହାଲରେ ବେଆଇନ ପାଉଁଶ ଡମ୍ପିଂ ସଂକ୍ରାନ୍ତରେ ଅଭିଯୋଗ ଆସିବା ପରେ ଗତ ୯ ତାରିଖରେ ପିସିବି ଆଞ୍ଚଳିକ କାର୍ଯ୍ୟାଳୟ ତରଫରୁ ତଦନ୍ତ କରାଯାଇଥିଲା। ଗତ ୧୫ ତାରିଖ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ପ୍ରେରିତ ତଦନ୍ତ ରିପୋର୍ଟରେ ଆଞ୍ଚଳିକ ଅଧିକାରୀ ଦର୍ଶାଇଛନ୍ତି ଯେ, ବେଦାନ୍ତ ଆଲୁମିନିୟମ ଇଣ୍ଡଷ୍ଟ୍ରି ରାସ୍ତା କଡ଼ରେ ୨୫ ଡିସିମିଲ ଜମିରେ ବେଆଇନ ଭାବେ ପାଉଁଶ ଡମ୍ପ କରିଛି। ୧୦୧୧ ବର୍ଗ ମିଟର ଆୟତନ ଓ ୨ ମିଟର ଗଭୀରରେ ହାରାହାରି ୩୦୩୫ ଟନ୍ ପାଉଁଶ ପକାଯାଇଛି। ଏହାକୁ ଆଧାର କରି ୧ଲକ୍ଷ ୫୧ ହଜାର ୭୬୦ ଟଙ୍କା ଜୋରିମାନା ପାଇଁ ସୁପାରିଶ କରାଯାଇଛି। ସେହିପରି ସମ୍ବଲପୁର ତହସିଲ ଅନ୍ତର୍ଗତ ଯୋଗୀପାଲି ଠାରେ ବେଆଇନ ଭାବେ ପାଉଁଶ ଡମ୍ପିଂ ହେଉଥିବା ଅଭିଯୋଗ ମିଳିବା ପରେ ଗତ ଜୁନ୍ ୩୦ ତାରିଖ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା।






ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଏହାକୁ ନେଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ନିକଟ ଅତୀତରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଝାରସୁଗୁଡ଼ା ଜିଲ୍ଲାରେ ଥିବା ବେଦାନ୍ତ ଆଲୁମିନିୟମ କାରଖାନା ପକ୍ଷରୁ ବେଆଇନ ଭାବେ ପାଉଁଶ ଗଦା କରୁଥିବା ସଂକ୍ରାନ୍ତରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ତଦନ୍ତକରି ମୋଟା ଅଙ୍କର ଅର୍ଥଦଣ୍ଡ ପାଇଁ ସୁପାରିଶ କରାଯାଇଛି। ସେହିପରି ଜୁନ୍ ଓ ଜୁଲାଇ ମାସରେ ୬ଟି ବେଦାନ୍ତ କାରଖାନା ବେଆଇନ ଭାବେ ପାଉଁଶ ଡମ୍ପିଂ କରାଯାଉଥିବା ସଂକ୍ରାନ୍ତରେ ଅଭିଯୋଗ ମିଳିବା ପରେ ଓପିସିବି ସମ୍ବଲପୁର ଆଞ୍ଚଳିକ ଅଧିକାରୀ ଗତ ୨୨ ତାରିଖ ତଦନ୍ତ କରିଥିଲେ। ଏହାର ରିପୋର୍ଟ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଭ୍ୟ ସଚିବଙ୍କୁ ପଠାଇ ସମ୍ପୃକ୍ତ ଶିଳ୍ପସଂସ୍ଥାକୁ ୪.୭୮ ଲକ୍ଷ ଟଙ୍କାର ଅର୍ଥଦଣ୍ଡ ପାଇଁ ସୁପାରିଶ କରିଛନ୍ତି। ଶିଳ୍ପ ସଂସ୍ଥା ୧୮୨୧ ବର୍ଗମିଟର ଜମିରେ ୩୫ ଡମ୍ପିଂ ହେଉଥିବା ଦେଖିବାକୁ ମିଳିବାରୁ ବେଦାନ୍ତକୁ ୪୮ହଜାର ଟଙ୍କା ଜୋରିମାନା ଦେବାକୁ ସୁପାରିଶ କରାଯାଇଛି। ଏହାବ୍ୟତୀତ ମାନେଶ୍ୱର ବ୍ଲକ ଅନ୍ତର୍ଗତ ତାଲପାଲି ଠାରେ ବେଆଇନ ଭାବେ ପାଉଁଶ ଡମ୍ପିଂ ହେଉଥିବା ଖବରପାଇ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ନିରୀକ୍ଷଣ କରିବା ସହ ମୋଟା ଅଙ୍କର ଜୋରିମାନା ପାଇଁ ସୁପାରିଶ କରାଯାଇଛି। ଗତ ୧୩ ତାରିଖ ନିରୀକ୍ଷଣ

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ଓଡ଼ିଶାର ରେଳ କ୍ଷେତ୍ରର ବିକାଶ ପାଇଁ ୧୦, ୫୮୬ କୋଟି ବ୍ୟୟବରାଦ

ନୂଆଦିଲ୍ଲୀ: ଓଡ଼ିଶା ରେଳ କ୍ଷେତ୍ରର ବିକାଶ ପାଇଁ ୧୦ ହଜାର ୫୮୬ କୋଟି ବ୍ୟୟବରାଦ ହୋଇଛି ବୋଲି କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ତେବେ ୨୦୨୩-୨୪ ବଜେଟରେ ଓଡ଼ିଶା ରେଳପଥକୁ ମିଳିଥିବା ବ୍ୟୟବରାଦ ତୁଳନାରେ ଏହା ୫୭୪ କୋଟି ଟଙ୍କା ଅଧିକ। ଦେଶର ୯୬ ପ୍ରତିଶତ ରେଳମାର୍ଗର ବିଦ୍ୟୁତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବିଗତ ୧୦ ବର୍ଷରେ ମୋଦୀ ସରକାରଙ୍କ ଅମଳରେ ୩୫ ହଜାର କିଲୋମିଟର ନୂତନ ରେଳପଥ ନିର୍ମାଣ ହୋଇଛି, ଯାହାକି ଜର୍ମାନୀ ଭଳି ଦେଶର ସମୁଦାୟ ରେଳମାର୍ଗ ଠାରୁ ଅଧିକ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ ଦର୍ଶାଇଛନ୍ତି।



୨୦୨୪-୨୫ରେ ରେଳପଥର ପରିଚାଳନା ଅନୁପାତ ୯୮.୨୨% ରହିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାର ଅର୍ଥ ପ୍ରତି ୧୦୦ ଟଙ୍କା ଆୟ ପାଇଁ ରେଳପଥକୁ ୯୮ ଟଙ୍କା ୨୨ ପଇସା ବ୍ୟୟ କରିବାକୁ ପଡ଼ିବ। ତେବେ ୨୦୨୨-୨୩ରେ ଏହି ଅନୁପାତ ୯୮.୧୦% ଓ ୨୦୨୩-୨୪ରେ ୯୮.୪୫% ଥିଲା। ଏଥିରୁ ସ୍ପଷ୍ଟ ହେଉଛି ଯେ, ୨୦୨୨-୨୩ ତୁଳନାରେ ୨୦୨୪-୨୫ରେ ରେଳପଥର ଆୟ କମ୍ ରହିବ। ଯାତ୍ରୀ ପରିବହନରୁ ୮୦ ହଜାର କୋଟି ଟଙ୍କା ଆୟ ହେବା ଲକ୍ଷ୍ୟ ରଖାଯାଇଥିବା ବେଳେ ମାଲ୍ ପରିବହନରୁ ୧ ଲକ୍ଷ ୮୦ ହଜାର କୋଟି ଟଙ୍କା ଆୟ ହେବ।

ଓଡ଼ିଶାର ରେଳ ପ୍ରକଳ୍ପ ନିର୍ମାଣ ପ୍ରସଙ୍ଗରେ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିୟମିତ ବ୍ୟବଧାନରେ ରେଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରୁଛନ୍ତି। ୨୦୨୩-୨୪ରେ ଓଡ଼ିଶା ରେଳ କ୍ଷେତ୍ରର ବିକାଶ ପାଇଁ ବଜେଟରେ ୧୦ ହଜାର ୧୨ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା ବେଳେ ୨୦୨୪-୨୫ରେ ଓଡ଼ିଶା ରେଳପଥ ପାଇଁ ୧୦ ହଜାର ୫୮୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୟୁପିଏ ସରକାର ଅମଳରେ ରାଜ୍ୟକୁ ପ୍ରତିବର୍ଷ ରେଳ ବଜେଟରେ ହାରାହାରି ମାତ୍ର ୮୩୮ କୋଟି ଅନୁଦାନ ମିଳୁଥିବା ବେଳେ ଚଳିତ ବର୍ଷ ରାଜ୍ୟକୁ ୧୨ ଗୁଣା ଅଧିକ ରେଳ ଅନୁଦାନ ମିଳିଛି। ସେତେବେଳେ ରାଜ୍ୟକୁ ଅଧିକ ରେଳ ଅନୁଦାନ ପାଇଁ ଓଡ଼ିଶା ବିଧାନସଭା ବାଚସ୍ପତିଙ୍କ ଅଧକ୍ଷତାରେ ଏକ ପ୍ରତିନିଧି ଦଳ ଦିଲ୍ଲୀ ଆସୁଥିଲେ, କିନ୍ତୁ କେନ୍ଦ୍ରର ୟୁପିଏ ସରକାର କିଛି ଶୁଣୁ ନ ଥିଲେ। ଏବେ ରାଜ୍ୟରେ ୪୦ଟି ରେଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲିଛି। ଏସବୁ ପ୍ରକଳ୍ପ ନିର୍ମାଣ ବାବଦରେ ସମୁଦାୟ ୫୪ ହଜାର ୪୩୪ କୋଟି ଟଙ୍କା ଖର୍ଚ୍ଚ ହେବ। ଓଡ଼ିଶାରେ ଶତପ୍ରତିଶତ ରେଳମାର୍ଗର ବିଦ୍ୟୁତ୍ କରଣ ସରିଛି। ଏଥିସହ ଅମୃତ ଭାରତ ଷ୍ଟେସନ ଯୋଜନାରେ ରାଜ୍ୟର ୫୯ ଟି ରେଳ ଷ୍ଟେସନର ଉନ୍ନତିକରଣ କରାଯାଉଛି।

ରାଜ୍ୟରେ ରେଳ ଷ୍ଟେସନ ଉନ୍ନତିକରଣ କାର୍ଯ୍ୟ ଖୁବ୍ ଜୋରରେ ଚାଲୁଛି। କଟକ, ଭୁବନେଶ୍ୱର, ପୁରୀ ଆଦି ରେଳ ଷ୍ଟେସନର ନିର୍ମାଣ କାର୍ଯ୍ୟକୁ ସେ ନିଜେ ଯାଇ ତଦାରଖ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି।

ମୋଦୀ ସରକାର ଅମଳରେ ରାଜ୍ୟରେ ୪୨୭ ଟି ଫ୍ଲାଏ ଓଭର ଏବଂ ଅଣ୍ଡରପାସ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ରାଜ୍ୟର ରେଳ କ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହ ଯୋଗାଯୋଗରେ ରହିଛି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ ଜଣାଇଥିଲେ। ପୁରୀ-କୋଣାର୍କ ରେଳପଥ ନିର୍ମାଣ ପ୍ରସଙ୍ଗରେ ଶ୍ରୀ ବୈଷ୍ଣବ କହିଥିଲେ ଯେ ଖୁବ୍‌ଶୀଘ୍ର ଜମି ଅଧିଗ୍ରହଣ କରାଯିବ। ସେହିପରି ଜୟପୁର- ମାଲକାନଗିରି ନୂତନ ରେଳପଥ ପାଇଁ ଜମି ଅଧିଗ୍ରହଣ ଆରମ୍ଭ ହୋଇଛି। ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ନୂତନ ରେଳପଥର ଚାରିଛକ - ଆଠେଣିଗଡ଼ ସେକ୍ସନରେ ଏକ ବଡ଼ ସୁଡ଼ଙ୍ଗ ଖୋଳା କାର୍ଯ୍ୟ ଦୁଇ ଦିନ ପୂର୍ବେ ସରିଛି। ଏହି ରେଳପଥର ନିର୍ମାଣ କାର୍ଯ୍ୟ ତାବ୍ରଗତିରେ ଚାଲିଛି ବୋଲି ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଜଣାଇଛନ୍ତି।

## ରାଷ୍ଟ୍ରପତି ଭବନରେ ଦ୍ରୌପଦୀଙ୍କ ଦୁଇ ବର୍ଷ

ନୂଆଦିଲ୍ଲୀ: ଭାରତର ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁ ଦୁଇ ବର୍ଷ କାର୍ଯ୍ୟକାଳ ପୂରଣ କରିଛନ୍ତି। ୨୦୨୨ ଜୁଲାଇ ୨୫ରେ ଭାରତର ପଞ୍ଚଦଶ ରାଷ୍ଟ୍ରପତି ଭାବେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଗତ ଦୁଇ ବର୍ଷର କାର୍ଯ୍ୟକାଳ ବେଶ୍ ଘଟଣାବହୁଳ ରହିଛି। ୨୦୨୪ ସାଧାରଣ ନିର୍ବାଚନ ପରେ ଜୁନ ୯ରେ ନରେନ୍ଦ୍ର ମୋଦୀଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ



ଭାବେ ଶପଥପାଠ କରାଇଛନ୍ତି। ତାଙ୍କ ସମୟରେ ସର୍ବୋଚ୍ଚ ନ୍ୟାୟାଳୟର ଦୁଇ ଜଣ ପ୍ରଧାନ ବିଚାରପତି ଶପଥପାଠ କରିଛନ୍ତି। ୨୦୨୨ ଅଗଷ୍ଟ ୨୬ରେ ନ୍ୟାୟମୂର୍ତ୍ତି ଉଦୟ ଉମେଶ ଲଳିତ ଓ ୨୦୨୨ ନଭେମ୍ବର ୯ରେ ନ୍ୟାୟମୂର୍ତ୍ତି ଧନଞ୍ଜୟ ୱାଇ ଚନ୍ଦ୍ରଚୂଡ଼ଙ୍କୁ ପ୍ରଧାନ ବିଚାରପତି ଭାବେ ଶପଥପାଠ କରିଛନ୍ତି। ନୂଆଦିଲ୍ଲୀ ଠାରେ ଆୟୋଜିତ ଜି-୨୦ ସମ୍ମିଳନୀରେ ବିଶ୍ୱନେତାଙ୍କୁ ରାଷ୍ଟ୍ରପତି ଭବନରେ ଦ୍ରୌପଦୀ ଭବ୍ୟ ସ୍ୱାଗତ କରିବା ସହ ବିଶ୍ୱ ଦରବାରରେ ଭାରତର ଗୌରବ ବଢ଼ାଇଥିଲେ। ବର୍ଷକ ମଧରେ (୨୦୦୩ ଜୁଲାଇ ୨୫ ରୁ ୨୦୨୪ ଜୁଲାଇ ୨୩) ତାଙ୍କୁ ୪୨ ଟି ଦେଶର ପ୍ରତିନିଧି ସେମାନଙ୍କ ପରିଚୟ ପ୍ରଦାନ କରିଛନ୍ତି। ଦ୍ରୌପଦୀଙ୍କ କାର୍ଯ୍ୟକାଳରେ ୫ ଜଣଙ୍କୁ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' ମିଳିଛି। ସେହିପରି ରାଷ୍ଟ୍ରପତି ମୁର୍ମୁଙ୍କ ଦ୍ୱାରା ସଂସଦ ରେ ଗୃହୀତ ୫୫ ଟି ବିଧେୟକଙ୍କୁ ସ୍ୱୀକୃତି ପ୍ରଦାନ ସହ ଗୋଟିଏ 'ମର୍ସି ପିଟିସିନ' ବା କ୍ଷମା ଆବେଦନ ଖାରଜ ହୋଇଛି। ଗତ ବର୍ଷକ ମଧରେ ରାଷ୍ଟ୍ରପତି ମୁର୍ମୁ ଗୋଟିଏ ମାତ୍ର ବିଦେଶ ଗସ୍ତ କରିଛନ୍ତି। ସେ ତିନି ଦିନିଆ ମରିସସ ଗସ୍ତରେ ଯାଇଥିଲେ। ପୁର୍ବସୁରୀମାନଙ୍କ ପରି ସେ ଅଧିକ ବିଦେଶଗସ୍ତ କରି ନାହାନ୍ତି। ଦେଶର ପ୍ରଥମ ରାଷ୍ଟ୍ରପତି ଭାବେ ନୂତନ ସଂସଦ ସୌଧରେ ଦୁଇ ଥର ଉଭୟ ଗୃହ ସଦସ୍ୟଙ୍କ ମିଳିତ ଅଧିବେଶନକୁ ସମ୍ବୋଧନ କରିଛନ୍ତି।

## ଭବାନୀ ଶଙ୍କର ଭୋଇ ଉପବାଚସ୍ପତି

ଭୁବନେଶ୍ୱର: ସପ୍ତଦଶ ବିଧାନସଭାର ଉପ ବାଚସ୍ପତିଭାବେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଉପବାଚସ୍ପତି ଶ୍ରୀ ଭୋଇ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ବାଚସ୍ପତି ସୁରମା ପାଢୀ ଗୃହରେ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଉପବାଚସ୍ପତି ଶ୍ରୀ ଭୋଇ ହେଉଛନ୍ତି ସୁନ୍ଦରଗଡ଼ ଜିଲା ତଳସରା ବିଧାୟକ। ସାଧାରଣ ନିର୍ବାଚନ-୨୦୨୪ରେ ସେ ତଳସରାରୁ ବିଜେପି ଟିକଟରେ ବିଜୟୀ ହୋଇଛନ୍ତି। ଏହାପୂର୍ବରୁ ସେ ୨୦୧୯ ନିର୍ବାଚନରେ ମଧ ଏହି ଆସନରୁ ବିଧାନସଭାକୁ ବିଜୟୀ ହୋଇଥିଲେ।



## ଏ ସଂଖ୍ୟାରେ..


ଡାଇବେଟିସ୍ ପାଇଁ କଳା ଜିରା


ହିତକାରୀ ପରିବା ବିଟ୍


ବହୁ ଗୁଣକାରୀ ଦୁବ


ଓଜନ କମାଇବ ଅଦା


ସୁସ୍ଥ ରଖିବ ସଜନା ଶାଗ


ଧନିଆର ଉପକାରିତା

# ଉପକୃତ ହେବେ ୧୫ ହଜାର ବିଦ୍ୟୁତ୍ ଉପଭୋକ୍ତା

ବରଗଡ଼: ବରଗଡ ଜିଲ୍ଲାରେ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଉଲ୍ଲେଖନୀୟ କାର୍ଯ୍ୟ କରାଯାଇଛି । ବିଦ୍ୟୁତ୍ ବିତରଣର ଗୁଣବତ୍ତା ପାଇଁ ଏହାର ଭିତ୍ତିଭୂମି ସୁଦୃଢ଼ କରିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି । ଭଟଲି ବ୍ଲକର ଘରୋଇ, କୃଷି ଏବଂ ଶିଳ୍ପ ଉପଭୋକ୍ତାମାନଙ୍କ ପାଇଁ ଚୋର ଗ୍ରୀଡୋଲା ୧୩୨/୩୩ କେ.ଭି. ଗ୍ରୀଡ ସବଷ୍ଟେଶନ ଠାରୁ ଉଦୟପାଲି ୩୩/୧୧ କେ.ଭି. ପ୍ରାଇମେରୀ ସବଷ୍ଟେଶନ ପର୍ଯ୍ୟନ୍ତ ଏକ ନୂତନ ୩୩କେ.ଭି. ଫିଡର ଲାଇନ ସ୍ଥାପନ କରାଯାଇଛି । ଏହା ପୂର୍ବରୁ ଭଟଲି ବ୍ଲକର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ପ୍ରଧାନପାଲି ଗ୍ରୀଡ ସବଷ୍ଟେଶନରୁ ୩୩ କେଭି ଡୁଙ୍ଗୁରି ଫିଡର ଲାଇନ ମାଧ୍ୟମରେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉଥିଲା । ମାତ୍ର ଅତ୍ୟଧିକ ବିଦ୍ୟୁତ୍ ଚାହିଦା ଯୋଗୁଁ ପ୍ରଧାନପାଲି ଗ୍ରୀଡ ସବଷ୍ଟେଶନରେ ଓଭର ଲୋଡିଂର ସମସ୍ୟା ଦେଖା ଦେଉଥିଲା । ଏହି କାରଣରୁ ଉପଭୋକ୍ତାମାନଙ୍କୁ ସ୍ଥିର ତଥା ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣରେ ବାଧା ସୃଷ୍ଟି ହେଉଥିଲା । ତେଣୁ ଏହି ସମସ୍ୟାର ସମାଧାନ ପାଇଁ ପିଡବ୍ଲ୍ୟୁଓଡିଏଲ ଚୋର ଗ୍ରୀଡୋଲା ୧୩୨/୩୩ କେଭି ଗ୍ରୀଡ ସବଷ୍ଟେଶନ ଠାରୁ ଉଦୟପାଲି ୩୩/୧୧ କେ.ଭି. ପ୍ରାଇମେରୀ ସବଷ୍ଟେଶନ ପର୍ଯ୍ୟନ୍ତ ୧୨ କିଲୋମିଟର ଦୂରତାର ଏକ ନୂତନ ୩୩ କେଭି ଲାଇନ ସ୍ଥାପନ କରାଯାଇଛି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଦ୍ୱାରା ଉଦୟପାଲି, ହାଲୁପାଲି, ହାତିସର, ଉର୍ଦ୍ଦୁନା, ଭାଦିଗ ଓ କାଶୀପାଲି, ନବରଙ୍ଗପୁର ଏବଂ ବିଚୁଆଁ ଭଳି ଅଞ୍ଚଳର ପ୍ରାୟ ୧୫,୦୦୦ ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହେବେ । ଟିପିଡବ୍ଲ୍ୟୁଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି ଯେ, ବରଗଡ ଜିଲ୍ଲା ପାଇଁ କମ୍ପାନୀ ଏହାର ଭିତ୍ତିଭୂମି ବିକାଶ କାର୍ଯ୍ୟକଳାପକୁ ପ୍ରାଥମିକତା ଦେଉଛି । ସେହିପରି ପ୍ରକଳ୍ପ କାର୍ଯ୍ୟକାରୀ ଦଳକୁ ଯୋଜନାବଦ୍ଧ ସମୟ ମଧ୍ୟରେ ଏହିପରି ସମସ୍ତ ପଦକ୍ଷେପକୁ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୋଟ ୩,୨୮ କୋଟି ଟଙ୍କା ବ୍ୟୟରେ ଏବଂ ୮ ମାସ ମଧ୍ୟରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ କରାଯାଇଛି ।

# ପୌର ପରିଷଦ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ



ଝାରସୁଗୁଡ଼ା : ପୌରାଧ୍ୟକ୍ଷା ରାନୀ ହାତୀ ଝାରସୁଗୁଡା ସହରାଞ୍ଚଳର ବିଭିନ୍ନ ସ୍ଥାନରେ ସାଧାରଣ ଲୋକଙ୍କ ପାଇଁ ଶୌଚାଳୟ, ଝାରସୁଗୁଡା ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ନବନିର୍ମିତ ଗାନ୍ଧୀ ମୂର୍ତ୍ତି ଏବଂ କକ୍ସ କଲୋନୀ ନିକଟରେ ଏକ ନୂତନ ପାର୍କ ଉଦଘାଟନ କରିଛନ୍ତି । ଝାରସୁଗୁଡ଼ା ପୌର ପରିଷଦ ପକ୍ଷରୁ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଶୌଚାଳୟ ଓପନଜିମ ମିନି ପାର୍କଗୁଡ଼ିକୁ ଲୋକାର୍ପିତ' କରାଯାଇଛି । ଏସପି ଅଫିସ ସମ୍ମୁଖରେ ଦାଣ୍ଡି ଯାତ୍ରାର ପ୍ରତିମା ଉନ୍ମୋଚିତ କରିଥିଲେ । ଉଦଘାଟନୀ ସମାରୋହରେ ଝାରସୁଗୁଡ଼ା ଉପାଧ୍ୟକ୍ଷ ବେଣୁଗୋପାଲ ପାଣିଗ୍ରାହୀ, ସମସ୍ତ ୱାର୍ଡର କାଉନସିଲରଙ୍କ ସମେତ ବିଜୁ ଜନତା ଦଳର ଜିଲା ସଭାପତି ରବି ସିଂହ, ବରିଷ୍ଠ ବିଜେଡି ନେତା ତାପସରାୟ ଚୌଧୁରୀ, ପିଣ୍ଟୁ ପାଢ଼ୀ, ମଦନ ହାତୀ ପ୍ରମୁଖ ଯୋଗ ଦେଇଥିଲେ ।

# ଦେବେଇପାଲିରେ ବୃକ୍ଷରୋପଣ



ସମ୍ବଲପୁର : ଦେବେଇପାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ହନୁମାନ ବାଟିକା ପରିସର ଓ ଲକ୍ଷ୍ମୀଡୁଙ୍ଗୁରୀ ପାହାଡ଼ରେ ଆଞ୍ଚଳିକ ପ୍ରକୃତି ଓ ପରିବେଶ ସୁରକ୍ଷା ସଂଗଠନ ପକ୍ଷରୁ ବୃକ୍ଷରୋପଣ ତଥା ଜନ ସଚେତନତା କାର୍ଯ୍ୟକ୍ରମ ହୋଇ ଯାଇଛି । ସଂଗଠନର ସଭାପତି ରବିନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ୍ତର ବିନୋଦ ବିହାରୀ ନାଏକ ମୁଖ୍ୟ ଅତିଥି ଓ ବଂଶୀଧର କର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଦେବାଶିଷ ସାହୁ, ସୌଭାଗ୍ୟ ରଞ୍ଜନ ମହାପାତ୍ର, ରାକେଶ ଷଡ଼ଙ୍ଗୀ, ମିଥୁନ ହୋତା, ଜିତେନ୍ଦ୍ର ଦାସ, ସୁଜିତ କୁମାର ମିଶ୍ର, ରତିକାନ୍ତ ତ୍ରିପାଠୀ, ସଞ୍ଜୀବ ମହାପାତ୍ର, ହେମନ୍ତ କୁମାର ସେନ, ମନୋଜ କୁମାର ପ୍ରଧାନ, କୌତୁକା ନନ୍ଦ ପ୍ରଧାନ, ବୁଲୁ ପ୍ରଧାନ ଓ ଜିତେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ବିଶେଷ ସହଯୋଗ କରିଥିଲେ ।

## ସମ୍ବଲପୁରେ ଜିଲ୍ଲା ବିଜେପି ପକ୍ଷରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ବିଜେପି ପକ୍ଷରୁ ଦେଶ ପାଇଁ ବଳିଦାନ ଦେଇଥିବା ସହିଦ ଜବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ସ୍ୱତନ୍ତ୍ର ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିକାଶ ଫାଉଣ୍ଡେସନର ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ ଯୋଗଦେଇ ସମ୍ବଲପୁର ଗୋଲବଜାର ଛକ ଠାରେ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ମାଲ୍ୟାର୍ପଣ କରି ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ । କାରଗିଲ ଲଢେଇ ରେ ଦେଶ ପାଇଁ ବଳିଦାନ ଦେଇଥିବା ବୀର ସହିଦ୍ ଜବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଅନୁଷ୍ଠିତ ହୋଇଥିବା ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ବହୁ ବିଜେପି କର୍ମୀମାନେ ଉପସ୍ଥିତ ରହିଥିଲେ । ପ୍ରାୟ ୨୦୦ ମିଟର ଲମ୍ବର ତ୍ରିରଙ୍ଗା ବିଜେପି କର୍ମୀ ମାନେ ଧରି ଗୋଲବଜାର, ଲକ୍ଷ୍ମୀ ଟକିଜ ଛକ, ଭୁତାପଡା ଛକ ଦେଇ ଜେଲଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ବାହାରି ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଗିରିଶ ପଟେଲଙ୍କ ସମେତ ବିଜେପି ଜିଲ୍ଲା କମିଟିର ସବୁ ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ରହିଥିଲେ ।

## ସମ୍ବଲପୁରରେ ସଫାଇ ଅପନାଓ ବିମାରୀ ଭଗାଓ ଅଭିଯାନ

ସମ୍ବଲପୁର: ସମ୍ବଲପୁରରେ ସଫାଇ ଅପନାଓ ବିମାରୀ ଭଗାଓ କ୍ୟାମ୍ପେନ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଝାଡୁଆପଡା, ନନ୍ଦପଡା ତଥା ମ୍ୟୁନସିପାଲଟି ଛକରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ମୃଦଳା ଠାକୁର ଯୋଗ ଦେଇ ବିଭିନ୍ନ ପଡା ବୁଲିଛନ୍ତି । ସମ୍ବଲପୁର ସହର କିପରି ସ୍ୱଚ୍ଛ ରହିବ ସେଦିଗରେ ଜନସାଧାରଣଙ୍କ ସହ ଆଲୋଚନା କରିଛନ୍ତି । ନିଜ ଚତୁଃପାର୍ଶ୍ୱକୁ ସଫା ରଖିବା ସହ ସ୍ୱଚ୍ଛତା ମଧ୍ୟରେ ବାସ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି । ପରିବେଶ ସ୍ୱଚ୍ଛ ରହିଲେ ରୋଗ ମଧ ପାଖ ମାଡିବ ନାହିଁ ବୋଲି ସେ କହିଛନ୍ତି । କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଶୀର୍ବାଦ

**ସ**ନ୍ଥ ଦଲାଇ ଲାମାଙ୍କ ଭାଷାରେ, 'ଆଶିଷ ଭାବନା ନିଜ ଭିତରୁ ଆସେ, ବାହାର ଦ୍ରବ୍ୟ ପ୍ରାପ୍ତିରୁ ନୁହେଁ ।' ଆଶୀର୍ବାଦ ମନର ଏକ ଚେତନା ଓ ହୃଦୟର ଏକ ଭାବନା । ନିଜକୁ ଆଶୀର୍ବାଦଯୁକ୍ତ ବୋଲି ଭାବିଲେ ଆଶୀର୍ବାଦ ମିଳେ । ଏହି ଶକ୍ତି ଅଦୃଶ୍ୟ; କିନ୍ତୁ ପ୍ରେରଣା ଯୋଗାଏ । ଡାକ୍ତରମାନେ ଔଷଧ ଲେଖିବା ପୂର୍ବରୁ ଆର୍ ଏକ୍ସ ଲେଖନ୍ତି, ଅର୍ଥ 'ଈଶ୍ୱରଙ୍କ ନାମରେ' । ଡ୍ରାଇଭର ଗାଡ଼ି ଚାଳନା ପୂର୍ବରୁ ଷ୍ଟିଅରିଂକୁ ମୁଣ୍ଡିଆ ମାରିବା ଓ ବିଦ୍ୟାଳୟରେ ପ୍ରାର୍ଥନା କରିବା ଦ୍ୱାରା ଈଶ୍ୱରଙ୍କ ଆଶୀର୍ବାଦ କାମନା କରାଯାଇଥାଏ । ପ୍ରତି ଭାରତୀୟ ମାତୃଭୂମିର ଆଶିଷ ମାଗେ : ତବ ଶୁଭ ଆଶିଷ ମାଗେ । ଆସନ୍ତା କାଲିକୁ କେହି ଦେଖି ନାହିଁ । ଆଜି ଓ ବର୍ତ୍ତମାନର ମୁହୂର୍ତ୍ତକୁ ନେଇ ବଞ୍ଚିବା ଜୀବନରେ ସବୁଠୁ ବଡ଼ ଆଶୀର୍ବାଦ । ପ୍ରତ୍ୟେକ ମୁହୂର୍ତ୍ତରେ ଭରି ରହିଛି ଆଶୀର୍ବାଦର ପ୍ରାଚୁର୍ଯ୍ୟ । ଯିଏ ଦେଖିପାରେ, ତା' ପାଇଁ ଫୁଲ ଚାରିଆଡ଼େ ଫୁଟିଥାଏ । ଷ୍ଟେଭ୍ ମାରା ବୋଲି କହନ୍ତି, 'ଆଜିର ଶକ୍ତିକୁ ନେଇ ଜୀବନକୁ ସମୃଦ୍ଧ କରିବା, ଜଗତକୁ ହସେଇବା, ଜଗତକୁ ସାହାଯ୍ୟ କରିବା ଓ ସମସ୍ତଙ୍କୁ ଭଲ ପାଇବା ହିଁ ଆଜିର ତୁମ ପ୍ରତି ଆଶୀର୍ବାଦ । ନିଜର ଇଚ୍ଛାକୁ ଈଶ୍ୱରଙ୍କ ଇଚ୍ଛାରେ ମିଶାଇ ଚାଲିଲେ, ତାଙ୍କ ବଂଶୀର ସୁରରେ ତାଳ ଦେଲେ; ଚଲାପଥରେ ଆଶୀର୍ବାଦର ପଦ୍ମ ଫୁଟି ଫୁଟି ଯାଏ । ବାତ୍ସଲ୍ୟ ଭାବନାରେ ମାନ୍ୟମାନେ କନିଷ୍ଠମାନଙ୍କୁ ଯେଉଁ କଲ୍ୟାଣମୂଳକ ବାକ୍ୟ କହିଥା'ନ୍ତି ତାହା ଆଶୀର୍ବାଦ 'ବାତ୍ସଲ୍ୟାତ୍ ଯତ୍ର ମାନ୍ୟୁନ କନିଷ୍ଠସ୍ୟାଭିଧୀୟତେ । ଇଷ୍ଟାବଧାରଙ୍କ ବାକ୍ୟମାଶୀଃ ସା ପରିକୀର୍ତ୍ତିତା ?' ସ୍ନେହଶ୍ରଦ୍ଧା, ଆଦର ଆନ୍ତରିକତା, ସେବାଯତ୍ନ ଓ ଭକ୍ତିସମ୍ମାନ ଆଦିରେ ପ୍ରଭାବିତ, ଅଭିଭୂତ ଓ ଅନୁକୂଳ ହୋଇ ବଡ଼ମାନେ ସାନମାନଙ୍କର ମଙ୍ଗଳ ମନାସିଥା'ନ୍ତି । ବାତ୍ସଲ୍ୟ ଭାବ ଆଶୀର୍ବାଦର ମୂଳଦୁଆ ପକାଇଲେ ମଧ ନିଜର ସ୍ୱଭାବ ଓ କର୍ମ ଏହାର ନିୟାମକ । ଜୀବନର ସମସ୍ୟା, କଷ୍ଟଯନ୍ତ୍ରଣା ନ ଭୁଲିଲେ ବର୍ତ୍ତମାନର ଆଶିଷକୁ ଜଣେ ଆଲିଙ୍ଗନ କରିପାରେ ନାହିଁ । ଜାଣତ ବା ଅଜାଣତରେ ଆମେ ପାଉଥିବା ସୁବିଧା ସୁଯୋଗ ସୁଖ ଓ ଆନନ୍ଦର ଅନୁଭବ ହିଁ ଆମ ପ୍ରତି ଆଶୀର୍ବାଦ । ଆମ ପାଖରେ ଯାହା ଅଛି, ତାହା ଅନେକଙ୍କ ପାଖରେ ନାହିଁ । ଆତ୍ମସନ୍ତୋଷ ଆଶୀର୍ବାଦର ଭିତ୍ତିଭୂମି । ହୃଦୟରେ କୃତଜ୍ଞତାର ଲହର ଖେଳିଲେ ଆଶୀର୍ବାଦ ସନ୍ତରଣ କରିଥାଏ । ଉତ୍ତମ ସ୍ୱାସ୍ଥ୍ୟ, ପ୍ରେମପୂର୍ଣ୍ଣ ସମ୍ପର୍କ ବା ଭୌତିକ ପ୍ରାଚୁର୍ଯ୍ୟ ଦ୍ୱାରା ମଣିଷ ନିଜେ ଆଶୀର୍ବାଦଯୁକ୍ତ ହୋଇଛି ବୋଲି ଭାବିବା ହିଁ କୃତଜ୍ଞତା । ଅକୃତଜ୍ଞ ଜୀବନରେ ଛୋଟ ଛୋଟ ଜିନିଷ, ପ୍ରାପ୍ତି ଓ ସମ୍ପର୍କ ପାଖରେ ଆମେ ଅକୃତଜ୍ଞ ହେଲେ କାହାର କୌଣସି ଆଶିଷ ଅନୁଭବ କରିପାରୁ ନାହିଁ । ଥୋମସ୍ ଗୁଡ୍‌ୱିନ୍ କହନ୍ତି, 'ସେହି ହେଉଛି ସବୁଠାରୁ ମିଠା ଆଶୀର୍ବାଦ ଯାହା ପ୍ରାର୍ଥନା ଓ କୃତଜ୍ଞତାରେ ଲାଭ ହୋଇଥାଏ ।'

ବଡ଼ ପୁରସ୍କାର, ଯଶ ବା ସୌଭାଗ୍ୟ ହେଉଛି ଅତୀତରେ ଆମେ ଲଗାଇଥିବା ଗଛର ଫଳ । ଆଶୀର୍ବାଦ ଉତ୍ତମ ଭାବନା, ନିର୍ମଳ ଚିନ୍ତା ଓ ଅନାବିଳ ଆଚରଣ ଦ୍ୱାରା ସାଧ । କାମନା କଲେ ଆଶୀର୍ବାଦ ମିଳେନା । ଯୋଗ୍ୟପଣ ଏହାର ମୂଳପୁଞ୍ଜି ଓ ଆଶୀର୍ବାଦ ଅର୍ଜନର ସୂତ୍ର ବତେଇ ୱିଲିୟମ ଆର୍ଥର ୱାର୍ଡ଼ କହନ୍ତି, 'ଜୀବନରେ ସେଇମାନେ ଆଶୀର୍ବାଦଯୁକ୍ତ ଯେଉଁମାନେ ଅନ୍ୟମାନଙ୍କୁ ପ୍ରଶଂସା କରି ଶିଖିଛନ୍ତି ଈର୍ଷା କରିବା ନୁହେଁ । ଅନୁସରଣ କରିବା ଶିଖିଛନ୍ତି ଅନୁକରଣ କରିବା ନୁହେଁ, ଗୁଣକୀର୍ତ୍ତନ କରିବା ଶିଖିଛନ୍ତି ଚାଟୁକରିବା ନୁହେଁ; ସାଙ୍ଗରେ ରହି ବାଟ କଢ଼େଇନେବା ଶିଖିଛନ୍ତି କିନ୍ତୁ କୌଶଳରେ କାର୍ଯ୍ୟ ହାତେଇବା ନୁହେଁ ।' ବ୍ୟକ୍ତି ଧନ ଜନ ସ୍ୱାସ୍ଥ୍ୟ ଜୟ- ନାନାବିଧ କାମନା କରି ନୀତିନିଷ୍ଠ ରହି ସତ୍‌କର୍ମ ସମ୍ପାଦନ କଲେ ତା'ର କର୍ମସିଦ୍ଧି ଆଶିଷ ପାଲଟେ । ସେବା, ତପ, ତ୍ୟାଗ, ଦାନ ତଥା ଜ୍ଞାନ ଆଦିରେ ପରିତୃପ୍ତ ଆତ୍ମାର ସ୍ୱତଃ କଲ୍ୟାଣ କାମନା ଫଳବତୀ ହୋଇଥାଏ । ଆଶୀର୍ବାଦ ସ୍ୱସୁକର୍ମ ଅର୍ଜିତ ତଥା ଈଶ୍ୱରାନୁମୋଦିତ ଅଟେ । ଈଶ୍ୱରଙ୍କ ସାହାଯ୍ୟ ବା ମଞ୍ଜୁରୀ, ଯାହା ତୁମକୁ ସାହା ହୁଏ, ସାହାଯ୍ୟ କରେ, ଖୁସି ଦିଏ, ସୁଖ ଆଣେ, ମୁହଁରେ ହସ ଫୁଟାଏ, ମନ ଓ ହୃଦୟରେ ସ୍ୱର୍ଗୀୟ ଶାନ୍ତି ଆଣେ-ହେଉଛି ଆଶୀର୍ବାଦର ପରିଭାଷା । ଋଗ୍‌ବେଦର "ଇଚ୍ଛନ୍ତି ଦେବା ସୁନ୍ଦନଂ ନ ସ୍ୱପ୍ରାୟ ସ୍ୱହୟନ୍ତି" ଉକ୍ତିର ଅର୍ଥ ଦେବଗଣ ସେହି ବ୍ୟକ୍ତିକୁ ଆଶୀର୍ବାଦ ଦେବାଲାଗି ଚାହାନ୍ତି ଯିଏ କର୍ମଠ । ସଜାଗ ଓ ସତର୍କ ନଥିଲେ ନିରନ୍ତର ଆସୁଥିବା ଆଶୀର୍ବାଦ୍ ହାତଛଡ଼ା ହୁଏ ।

ଯୁଦ୍ଧକୁଶଳୀ ବିଜୟ-ଅଭିଳାଷୀ ପୁତ୍ର ଦୁର୍ଯ୍ୟୋଧନଙ୍କୁ ମାତା ଗାନ୍ଧାରୀ ପୁତ୍ରର ଇଚ୍ଛା ଅନୁରୂପ ଆଶୀର୍ବାଦ ନଦେଇ ସଂସାରରେ ପୁଣ୍ୟର କ୍ଷୟ ନହେଉ ଓ ଧର୍ମର ଜୟ ହେଉ-କହି କାଳଜୟୀ ଐତିହାସିକ ଆଶୀର୍ବାଦ ଦେଇଥିଲେ । ନିଜ ଭିତରେ ସ୍ପନ୍ଦିତ ଲୋକ କଲ୍ୟାଣକାରକ ଚିନ୍ତାଚେତନା ଓ ଅକୃତ୍ରିମ କର୍ମଧର୍ମ ଆଶୀର୍ବାଦର ନିର୍ଣ୍ଣାୟକ । ସାଧୁତାପୂର୍ଣ୍ଣ ଆଚରଣ ପ୍ରଶ୍ନ ହେଲେ ଆଶିଷ ହେଉଛି ଉତ୍ତର । ଶତ୍ରୁପକ୍ଷରେ ଥିବା ନାଚାର ଭୀଷ୍ମ ଆଦି ଗୁରୁଜନମାନେ ପାଣ୍ଡବମାନଙ୍କ ନ୍ୟାୟବାଦିତା ଉପରେ ପ୍ରସନ୍ନ ହୋଇ ଆଶୀର୍ବାଦ ଦେଇଥିଲେ । ଧର୍ମ ନ୍ୟାୟ ନୀତି ଆଦିର ସ୍ଥାପନା ଆଶୀର୍ବାଦର ପ୍ରଚ୍ଛନ୍ନ ଲକ୍ଷ୍ୟ । ପ୍ରଣୟପ୍ରାର୍ଥନା ନ୍ୟାୟସଂଗତ ହୋଇ ନଥିବାରୁ ଅର୍ଜୁନଙ୍କ ପ୍ରତି ଉର୍ବଶୀଙ୍କ ନପୁଂସକ ଅଭିଶାପ ଅଜ୍ଞାତ ବନବାସରେ ଛଦ୍ମବେଶୀ ଆଶୀର୍ବାଦ ସାବ୍ୟସ୍ତ ହେଲା । ବୃହତ୍ତର କଲ୍ୟାଣ କାମନା ଓ ସମ୍ପାଦନ ଉପରେ ଆଶିଷ ସର୍ବଦା ବହଳ ଛତ୍ରଛାୟା । ଆଶୀର୍ବାଦର ଦ୍ୱାର : ସର୍ବେ ଭବନ୍ତୁ ସୁଖିନଃ । ହୃଦୟ ସ୍ୱଚ୍ଛ ନିର୍ମଳ ଓ ଅନାବିଳ ଥିବା ଜରୁରୀ । ଆଶୀର୍ବାଦ ମାନବବାଦର ଚରମ ଉତ୍କର୍ଷ । ଭସ୍ମାସୁର, ରାବଣ, କଂସ ଭଳି ଅସୁରମାନେ କଠିନ ତପସ୍ୟା କରି ଈଶ୍ୱରଲବ୍ଧ ବରର ଦୁରୁପଯୋଗରୁ ନିଜେ ବିନଷ୍ଟ ହୋଇଯାଇଥିଲେ । ବିଜ୍ଞାନର ଗବେଷଣାପ୍ରସୂତ ନୂତନ ଉଦ୍ଭାବନ ବୃହତ୍ତର ଜନହିତରେ ଆଶୀର୍ବାଦ ପ୍ରମାଣିତ ହେଲାବେଳେ ଯୁଦ୍ଧକ୍ଷେତ୍ରରେ ବିପଜ୍ଜନକ ମାରଣାସ୍ତ୍ରର ପ୍ରୟୋଗ ସମଗ୍ର ମାନବଜାତି ପାଇଁ ଅଭିଶାପ । ଲୋକେ ସମ୍ପଦକାଳେ ଆଶୀର୍ବାଦ ଅନୁଭବ ନକରି ଆପତ୍‌କାଳେ ଆଶୀର୍ବାଦ ଲୋଡ଼ି ଥାନ୍ତି- ଏହା ବିଡ଼ମ୍ବନା ।

# ସତରେ କଣ ଈଶ୍ୱର ଚୋରି କରନ୍ତି ?



ଡ଼ଃ ପ୍ରମୋଦ କୁମାର ପଣ୍ଡା

ସତରେ କଣ ଈଶ୍ୱର ଚୋରି କରନ୍ତି ? ଦେବକୀ ନନ୍ଦନ ଶ୍ରୀକୃଷ୍ଣ ଛୋଟ ଥିଲାବେଳେ ବ୍ରଜଭୂମିରେ ସତରେ କଣ ଗୋପୀମାନଙ୍କ ଘରୁ ଲହୁଣୀ ଚୋରି କରି ଖାଉଥିଲେ ? ସତରେ କଣ ସେ ଯମୁନାରେ ସ୍ନାନରତା ଗୋପାଙ୍ଗନା ମାନଙ୍କର ବସ୍ତ୍ର ହରଣ କରିଥିଲେ ? ଲହୁଣୀ ଚୋରି କଲାବେଳେ ଧରାପଡ଼ି ସତରେ କଣ ଶ୍ରୀକୃଷ୍ଣ ମାଁ ଯଶୋଦାଙ୍କ ହାତରେ ଦଣ୍ଡିତ ହୋଇଥିଲେ ?

ଏସବୁ ପ୍ରଶ୍ନ ଉପରକୁ ସାମାନ୍ୟ ଓ ସରଳ ମନେ ହେଉଥିଲେ ମଧ ବାସ୍ତବରେ ଏହା ଅସାମାନ୍ୟ ଏବଂ ଜଟିଳ ଅଟେ । ପ୍ରଶ୍ନ କର୍ତ୍ତା କେଉଁ ଉଦ୍ଦେଶ୍ୟରେ ଏଭଳି ପ୍ରଶ୍ନ କରିଛନ୍ତି , ତାହା ଜାଣିବା ଅତ୍ୟନ୍ତ ଜରୁରୀ । ନିଜର ଜ୍ଞାନ ବୃଦ୍ଧି ସକାଶେ ଏଭଳି ପ୍ରଶ୍ନ ସ୍ୱାଗତଯୋଗ୍ୟ । ପରନ୍ତୁ ଜାଣିଶୁଣି ଆକ୍ଷେପ କିମ୍ବା ବିଦ୍ରୁପ କରିବାର ଅଭିଳାଷା ସର୍ବଥା ଅନୁଚିତ ଅଟେ । ଆଗ୍ରହଣୀୟ, ଅଯଥାର୍ଥ ଅଟେ । ପ୍ରତ୍ୟେକ କାର୍ଯ୍ୟର କାରଣ ଥାଏ । ବିନା କାରଣରେ କୌଣସି କାର୍ଯ୍ୟର ଉତ୍ପତ୍ତି ହୁଏ ନାହିଁ । ପୂର୍ବପକ୍ଷୀଙ୍କ ପ୍ରଶ୍ନର ଉତ୍ତର ଠିକ୍ ଠିକ୍ ରଖିବାକୁ ହେଲେ ଗୋପୀଙ୍କ ଘରୁ ଲହୁଣୀ ଅଥବା ଗୋପାଙ୍ଗନାଙ୍କ ଚୀର ହରଣ ମୂଳରେ ବିଦ୍ୟମାନ କାରଣ ଅନୁଶୀଳନ ଏକାନ୍ତ ପ୍ରୟୋଜନ ବୋଲି ଆମେ ବିଚାର କରୁ ।

ଗରୁଡ଼ ପୂରାଣରେ ବିଷ୍ଣୁଙ୍କ ଦଶାବତାର ଉପରେ ବିସ୍ତୃତ ବର୍ଣ୍ଣନା ଦେଖିବାକୁ ମିଳେ । ସତ୍ୟ ଯୁଗରେ ମତ୍ସ୍ୟ, କୂର୍ମ, ବରାହ ଓ ନରସିଂହ, ତ୍ରେତୟାରେ ବାମନ, ପର୍ଶୁରାମ ଓ ରାମ, ଦ୍ୱାପର ଯୁଗରେ କୃଷ୍ଣ ଏବଂ କଳି ଯୁଗରେ ବୁଦ୍ଧ ଓ କଳକୀ ଅବତାର ଧାରଣ କରି ଭଗବାନ ବିଷ୍ଣୁ ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି । ଅଧର୍ମର ବିନାଶ ଏବଂ ଧର୍ମର ବିକାଶ ସହିତ ଦୁଷ୍ଟ ଦଳନ ଓ ଶିଷ୍ଟ ପାଳନ ଏସବୁ ଅବତାରର ମୂଳ ଲକ୍ଷ୍ୟ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି । ଗୀତାରେ ବର୍ଣ୍ଣିତ ଶ୍ଳୋକ 'ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ....... ସମ୍ଭାମି ଯୁଗେ ଯୁଗେ 'ଏହାକୁ ପରିପୁଷ୍ଟ କରେ ।

ଭଗବାନ ଲୀଳାମୟ । ଲୀଳାଖେଳାରେ ବିଶାରଦ ସେ । ତାଙ୍କରି ଲୀଳା ଅସୀମ, ଅସାଧାରଣ, ଅନନ୍ତ ତଥା ଅନନ୍ୟ । ଦେବ ଓ ମାନବ ଉଭୟଙ୍କୁ ଅଗୋଚର । ବିଶେଷତଃ, ବ୍ରଜଭୂମିରେ ତାଙ୍କର ବାଲ୍ୟଲୀଳା ଅତ୍ୟନ୍ତ ସୁଖଦାୟୀ, ରୋଚକ ପୂର୍ଣ୍ଣ । ପ୍ରେରଣାଦାୟୀ, ଭାବପୂର୍ଣ୍ଣ । ଅଦ୍ଭୁତ, ରସ ପୂର୍ଣ୍ଣ ।

କାହ୍ନା ଅତ୍ୟନ୍ତ ଲହୁଣୀ ପ୍ରିୟ । ଏଥିରେ କୌଣସି ସନ୍ଦେହ ନାହିଁ । ଗୋପୀଙ୍କ ଘରୁ ଲହୁଣୀ ଚୋରି କରି ଖାଇବା କଥା ମଧ ସମ୍ପୂର୍ଣ୍ଣ ସତ୍ୟ । କିନ୍ତୁ ଚୋରି କରିବା ତାଙ୍କର ପ୍ରବୃତ୍ତି ନୁହେଁ । ସେ ନନ୍ଦ ନନ୍ଦନ ଗୋପୀନାଥ । ନନ୍ଦ ରାଜା ନଅ ଲକ୍ଷ୍ୟ । ଗୋ ମାତାର ମାଲିକ । ଘରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ଅଭାବ କହିବା, ଆକଳ୍ପନୀୟ । ଅବିଶ୍ୱସନୀୟ । ଏମିତି ସ୍ଥିତିରେ କୃଷ୍ଣ ଅନ୍ୟର ଲହୁଣୀ ଚୋରି କରି ଖାଇବେ ବା କାହିଁକି ? ପର ଘର ଲହୁଣୀ ଚୋରି କରି ଖାଇବା ଅନ୍ତରାଳେ ନିଶ୍ଚିତ କାରଣ ବିଦ୍ୟମାନ । ଶାସ୍ତ୍ରରେ ଉଲ୍ଲେଖ ଅଛି କୃଷ୍ଣଙ୍କ ମାମୁଁ ମହାରାଜ କଂସ ଅତ୍ୟନ୍ତ ଅତ୍ୟାଚାରୀ ଥିଲେ । ନିଜର ଭଉଣୀ ଦେବକୀ ଓ ତାଙ୍କ ସ୍ୱାମୀ ବସୁଦେବଙ୍କୁ କାରାଗୃହରେ ବନ୍ଦୀ କରି ରଖିଥିଲେ । କର ସ୍ୱରୂପ ବ୍ରଜବାସୀଙ୍କ ଠାରୁ କ୍ଷୀର, ଦହି, ଲହୁଣୀ ଇତ୍ୟାଦି ଅନ୍ୟାୟରେ ଅସୁଲ କରୁଥିଲେ । କଂସର ଅନ୍ୟାୟ ବିରୁଦ୍ଧରେ ବ୍ରଜଭୂମିର ନିରୀହ ପ୍ରଜାଙ୍କର ସ୍ୱର ଉତ୍ତୋଳନ କରିବାର ସତସାହସ ନ ଥିଲା । ଅଗତ୍ୟା ଅନିଚ୍ଛା ସତ୍ତ୍ୱେ ସେମାନେ ତାଙ୍କର ଉତ୍ପାଦିତ ଦ୍ରବ୍ୟର ଅଧିକାଂଶ ଭାଗ କର ହିସାବରେ ପୈଠ କରୁଥିଲେ । ଏହାର ସିଧାସଳଖ ପ୍ରତିବାଦ ନ କରି ଗୋପୀମାନଙ୍କ ଘରୁ ଲହୁଣୀ ଚୋରି କରି ନିଜେ କୃଷ୍ଣ ଖାଉଥିଲେ । ନିଜର ସଖାମାନଙ୍କୁ ଖୁଆଉଥିଲେ । ମାଠିଆ କଣା କରୁଥିଲେ । ସହଜେ ତ ଗୋପୀ ମାନେ କୃଷ୍ଣ ପ୍ରିୟ । ସେମାନେ ସ୍ୱୟଂ ଚାହୁଁଥିଲେ ଯେ କାହ୍ନା ତାଙ୍କ ହାତ ତିଆରି ଲହୁଣୀ ଚୋରି କରି ଖାଉ । ମାଠିଆ କଣା କରୁ । ଏପରି ହେଲେ ହିଁ ଗୋପୀଙ୍କୁ ବାରମ୍ବାର କୃଷ୍ଣ ଦର୍ଶନର ଅବସର ମିଳିବ । ସୌଭାଗ୍ୟ ପ୍ରାପ୍ତି ହେବ । ଏପରି ପରିସ୍ଥିତିରେ ତାଙ୍କୁ ଲହୁଣୀ ଚୋର କହିବା କେତେଦୂର ଯୁକ୍ତିଯୁକ୍ତ, ଯଥାର୍ଥ ଓ ସମିଚୀନ ?

ଦ୍ୱିତୀୟ ପ୍ରସଙ୍ଗରେ ମଧ ନିଶ୍ଚିତ କାରଣ ନିହିତ । ଗୋପାଙ୍ଗନା ନିର୍ବସ୍ତ୍ର ହୋଇ ଯମୁନାରେ ସ୍ନାନ କରୁଥିଲେ । ସ୍ନାନ ସାରି ଗୋପାଙ୍ଗନା ବସ୍ତ୍ର ଧାରଣ ପାଇଁ ଉଦ୍ୟତ ହୁଅନ୍ତେ ତାଙ୍କୁ ତାଙ୍କ ବସ୍ତ୍ର ମିଳି ନ ଥିଲା । କୃଷ୍ଣଙ୍କ ପାଖେ ନିଜ ବସ୍ତ୍ର ଥିବା ଦେଖି ପାଣି ଭିତରୁ ତାଙ୍କୁ ତାଙ୍କ ବସ୍ତ୍ର ଫେରାଇ ଦେବାକୁ ଅନୁରୋଧ କରିଥିଲେ । କୃଷ୍ଣ କିନ୍ତୁ ଗୋପାଙ୍ଗାନା ମାନଙ୍କୁ ବସ୍ତ୍ର ନ ଫେରାଇ ସ୍ୱୟଂ ନିଜେ ନିଜ ବସ୍ତ୍ର ସଂଗ୍ରହ କରିବାକୁ କହିଥିଲେ । ଲଜ୍ୟା ଓ ସଂକୋଚ ହେତୁ ଗୋପାଙ୍ଗନା ନିଜର ଅକ୍ଷମତା ପ୍ରକାଶ କରିଥିଲେ । ଶ୍ରୀକୃଷ୍ଣ ତାଙ୍କୁ ବୁଝେଇ କହିଥିଲେ ଉଲଗ୍ନ ହୋଇ ସ୍ନାନ କରିବା ନ୍ୟାୟୋଚିତ ନୁହେଁ । ଏହା ଏକ ଅପରାଧ । ମହା ପାପ । ମାନସିକ ବିକାର । ଶାସ୍ତ୍ରାନୁସାରେ ସ୍ନାନ କଲାବେଳେ ଆମର ପିତୃ ପୁରୁଷ ଆମ ଆଖେପାଖେ ଥାଆନ୍ତି । ପିନ୍ଧିଥିବା ବସ୍ତ୍ରରୁ ନିର୍ଗତ ପାଣି ସେମାନେ ଗ୍ରହଣ କରି ତୃପ୍ତ ହୁଅନ୍ତି । ସ୍ନାନ କଲେ ବରୁଣ ଦେବ କୋପ କରନ୍ତି । ସ୍ନାନ କଲାବେଳେ ଯମୁନାର ଅନେକ ପ୍ରାଣୀ ଓ ତତସନ୍ନିକଟ ଜୀବଜନ୍ତୁ ଗୋପାଙ୍ଗନାଙ୍କ ପୁଙ୍ଗୁଳା ଶରୀର ଦେଖି ସାରିଛନ୍ତି । ଏବେ ଲଜ୍ୟା କରିବାର ଆଉ କୌଣସି କାରଣ ନାହିଁ । ଅର୍ଥ ହୀନ । କୃଷ୍ଣ ଆଉ ପାଦେ ଆଗକୁ ଯାଇ ବୁଝେଇଲେ ଲଜ୍ୟା ଏକ ମାୟା । ଏହି ମାୟା ପାଶରୁ ମୁକ୍ତି, ମୁକ୍ତିର ପଥ ପ୍ରଦର୍ଶନ କରେ । ଚୀର ହରଣ ମୂଳର ଅସଲ କାରଣ ଥିଲା ଜ୍ଞାନ ପ୍ରଦାନ । ପାପ କର୍ମରୁ ଅପସାରଣର ଉଚିତ ମାର୍ଗଦର୍ଶନ । ତଥାପି ଯଦି ଆମେ କହିବା କୃଷ୍ଣ ଗୋପାଙ୍ଗନାଙ୍କ ବସ୍ତ୍ର ଚୋରି କରିଥିଲେ, ତେବେ ତାହା ଅସଂଗତ ଓ ଅଯୌକ୍ତିକ ହେବ ନାହିଁ ତ ?

ଈଶ୍ୱର ଚୋରି କରନ୍ତି ନାହିଁ । ଏହା ଆମେ ପ୍ରମାଣ କରିବାର ପ୍ରୟାସ କଲୁ । ଆପଣ ଏବେ ବୋଧେ ଚିନ୍ତା କରୁଥିବେ ସତ କଥା ତ ? ଈଶ୍ୱର ଚୋରି କରନ୍ତି ନାହିଁ । ସେ ଚୋର ନୁହନ୍ତି । କିନ୍ତୁ ଆପଣ ଆମକୁ ବୁଝିବାରେ ଟିକିଏ ଭୁଲ କଲେ ଭଳି ପ୍ରତୀୟମାନ ହେଉଛି । ଆପଣ ତ ଈଶ୍ୱରଙ୍କୁ ଏକ ସାଧାରଣ ଚୋର କହୁଥିଲେ । ଆମେ ସେଥିରେ ସହମତ ନ ଥିଲୁ । କାରଣ ଈଶ୍ୱର କେବଳ ମାତ୍ର ଜଣେ ସାଧାରଣ ଚୋର ନୁହନ୍ତି । ସେ ଜଣେ ଅସାଧାରଣ ଚୋର । ଚୋରଙ୍କର ଶ୍ରେଷ୍ଠ । ଚୋରଙ୍କର ଅଗ୍ରଗଣ୍ୟ । ଚୌରାଗ୍ୟଗଣ୍ୟ । ସେ କେବଳ ଲହୁଣୀ ଓ ବସ୍ତ୍ର ଚୋରି କରନ୍ତି ନାହିଁ । ଆହୁରି ଅନେକ କିଛି ଚୋରି କରନ୍ତି । କଣ କଣ ଚୋରି କରନ୍ତି ତାର ପୁରା ତାଲିକା ଆମ ପାଖେ ମହଜୁଦ ଅଛି । ଜାଣିବାକୁ ଚାହିଁବେ କି ?

ଶ୍ରୀ ବିଲ୍ୱ ମଙ୍ଗଳ ଠାକୁରଙ୍କ ବିରଚିତ ଚୌରାଷ୍ଟକମ୍ ଈଶ୍ୱରଙ୍କୁ ଚୌରାଗ୍ରଗଣ୍ୟଂ ଅର୍ଥାତ ଚୋରମାନଙ୍କର ଅଗ୍ରଗଣ୍ୟ ବୋଲି ବିଚାର କରେ । ତାଙ୍କ ରଚିତ ପ୍ରାର୍ଥନା ଆଠ ପଦ କିମ୍ବା ପଂକ୍ତି ବିଶିଷ୍ଟ । ପ୍ରତ୍ୟେକ ପଦ ଦୁଇ ପାଦ ବିଶିଷ୍ଟ ଏବଂ ପ୍ରତ୍ୟେକ ପାଦରେ ଦୁଇଟି ଉପ- ପାଦ ରହିଛି । ଏହି ସୁନ୍ଦର, ମନୋରମ, ଭାବ ଏବଂ ଅର୍ଥ ପୂର୍ଣ୍ଣ ପ୍ରାର୍ଥନାକୁ ବିଶ୍ଳେଷଣ କରିବା ପାଇଁ ତାକୁ ଚାରି ଭାଗରେ ବିଭକ୍ତ କାରାଯାଇ ପାରେ । ପ୍ରଥମ ଭାଗ ଅର୍ଥାତ ପ୍ରଥମ ଓ ଦ୍ୱିତୀୟ ପଂକ୍ତିରେ ଚୋର ଶ୍ରେଷ୍ଠ କୃଷ୍ଣଙ୍କ ପାର୍ଶ୍ୱଚିତ୍ର ବର୍ଣ୍ଣିତ । ଦ୍ୱିତୀୟ ଭାଗ ଅର୍ଥାତ ତୃତୀୟ ଓ ଚତୁର୍ଥ ପଂକ୍ତି କୃଷ୍ଣ ଚୋରି ବିଦ୍ୟାରେ କେତେ ନିପୁଣ ଥିଲେ ତାହା ବିସ୍ତାରରେ ବର୍ଣ୍ଣନା କରାଯାଇଛି । ତୃତୀୟ ଭାଗ ଅର୍ଥାତ ପଞ୍ଚମ ଏବଂ ଷଷ୍ଠ ପାଦଦ୍ୱୟ ଚୋରକୁ ଧରିବାର କାର୍ଯ୍ୟ ଯୋଜନା ସମ୍ପର୍କରେ ତଥ୍ୟ ପ୍ରଦାନ କରେ । ଅନ୍ତିମ ତଥା ଚତୁର୍ଥ ଭାଗ ଅର୍ଥାତ ସପ୍ତମ ଓ ଅଷ୍ଟମ ପଂକ୍ତିରେ ଚୋରକୁ କିମିତି ଅଧିକରୁ ଅଧିକ ସୁରକ୍ଷା ବଳୟରେ ରଖାଯାଇ ପାରିବ ଯିମିତି ଶତ ଚେଷ୍ଟା ସତ୍ତ୍ୱେ ମଧ ସେ ବନ୍ଦୀଶାଳାରୁ ଖସି ଯିବାର ଅବସର ପାଇବନି । ଏସବୁ କଥନ ଅତ୍ୟନ୍ତ ସାମାନ୍ୟ, ସାଧାରଣ ଏବଂ ଲୌକିକ ଭଳି ଦୃଶ୍ୟମାନ ହେଉଥିଲେ ମଧ ଏଥିରେ କବିଙ୍କର ଆବେଗଭରା ସମର୍ପଣ ଭାବର ପ୍ରତିଫଳନ ପରିଲକ୍ଷିତ ହୁଏ ।

ଗୋପୀଙ୍କର ଲହୁଣୀ, ଗୋପାଙ୍ଗନାଙ୍କ ବସ୍ତ୍ର, ଅନେକ ଜନ୍ମାର୍ଜିତ ପାପ, ରାଧାରାଣୀଙ୍କ ହୃଦୟ, ନବାମ୍ବୁଦ ଶ୍ୟାମଳ କାନ୍ତି ଏବଂ ପଦାଶ୍ରିତର ସମସ୍ତ ଚୋରି କରି ଈଶ୍ୱର ଶ୍ରେଷ୍ଠ ଚୋରର ଉପାଧି ପ୍ରାପ୍ତ କରିଛନ୍ତି । ଏହା ତାଙ୍କର ରୂପରେଖ । ପାର୍ଶ୍ୱଚିତ୍ର, ଚୋରି କରିବାରେ ରହିଛି ତାଙ୍କର ବିଶେଷ ଜ୍ଞାନ । ନିପୁଣତା, ଯିଏ ଅକିଞ୍ଚନ, ତାଙ୍କର ପଦାଶ୍ରିତ ତାକୁ ରାସ୍ତାର ଭିକ୍ଷୁକ କରିବାର କୌଶଳ ତାଙ୍କୁ ବେଶ ଜଣା । ଯିଏ ତାଙ୍କର ନାମ ସ୍ମରଣ କରେ, ଜପ କରେ ସିଏ ତାର ଗିରି ସଦୃଶ ରାଶି ରାଶି ପାପ ହରଣ କରିବାରେ ସିଦ୍ଧ ହସ୍ତ । ଏପରି ଭୀଷଣ ଏବଂ ଆଶ୍ଚର୍ଯ୍ୟ ଚକିତ ଚୋର ଜଗତରେ କୋଉଠି ଅଛନ୍ତି କିଏ ଜାଣିଛି, ଶୁଣିଛି କିମ୍ବା ଦେଖିଛି କି ? ସାଧାରଣ ଚୋର ଏବଂ ଅସାଧାରଣ ଚୋରକୁ ଗିରଫ କରିବାର କୌଶଳ ଭିନ୍ନ ଭିନ୍ନ । ଚୋରଙ୍କ ଯିଏ ଶ୍ରେଷ୍ଠ ତାକୁ ଧରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଅନିବାର୍ଯ୍ୟ ଅଟେ । ତା ପାଇଁ ସାଧାରଣ ପ୍ରସ୍ତୁତି କିମ୍ବା ଯୋଜନା କାର୍ଯ୍ୟ କରେ ନାହିଁ । ଯିଏ ଧନ, ମାନ, ସମ୍ମାନ ଏପରିକି ପ୍ରାଣ ଚୋରି କରିବାରେ ସମ୍ପୂର୍ଣ୍ଣ ସକ୍ଷମ, ଯିଏ ଯମ ପାଶ ଛିନ୍ନ କରିବାର ସାମର୍ଥ୍ୟ ରଖେ, ଯିଏ ବଳବାନ, ଭବ ପାଶରୁ ନିଜକୁ ମୁକ୍ତ କରିବାରେ ସକ୍ଷମ ତାକୁ ବା ସାମାନ୍ୟ ହାତକଡି କି କାମ ଦେବ ? ତାଙ୍କ ପାଇଁ ଏମିତି ବନ୍ଧନର ପ୍ରୟୋଜନ ଅଛି ଯାହା ସେ ଶତ ଚେଷ୍ଟା କଲେ ମଧ ଛିନ୍ନ କରିବାରେ ଅସମର୍ଥ ହେବେ । ଭବ ପାଶ, ଯମ ପାଶ ଇତ୍ୟାଦି ତାଙ୍କ ସାମ୍ନାରେ ଅତ୍ୟନ୍ତ ଦୁର୍ବଳ । ଏସବୁ ଛିନ୍ନ ହେବାର ସମ୍ଭାବନା ଯଥେଷ୍ଟ ବେଶୀ । ଭକ୍ତି ପାଶ କିନ୍ତୁ ଅତ୍ୟନ୍ତ ଶକ୍ତ, ସବଳ ଓ ମଜଭୁତ । ଭକ୍ତି ପାଶ ତେଣୁ ତା ପାଇଁ ଉପଯୁକ୍ତ ହେବ । ତେବେ ଏମିତି ଅଦ୍ଭୁତ ଚୋରର ସୁରକ୍ଷା ମଧ କଡାକଡି ହେବା କଥା । ସାଧାରଣ କାରାଗୃହ ଅଥବା ବନ୍ଦୀଶାଳା ତାକୁ ରଖିବାର ପ୍ରକୃଷ୍ଟ ସ୍ଥାନ ନୁହେଁ । ତାକୁ ନିଜର ଚୌର ଦୋଷ ହେତୁ ଦୁଃଖମୟ ତାମସ ଘେରା ମୋର ମନ - ମାନସରେ ରଖିବି । ମୋର ହୃଦୟ ରୂପୀ କାରାଗୃହରେ ଭକ୍ତି ରୂପକ ରଜ୍ଜୁରେ ବାନ୍ଧି ରଖିବି ଓ କୋଟି କୋଟି ପ୍ରଳୟ ଉପରନ୍ତେ ମଧ ତାକୁ ମୁକ୍ତ କରିବି ନାହିଁ ।

ଈଶ୍ୱରଙ୍କ ଚୋର ପ୍ରବୃତ୍ତିର ଅସଲ ପରିଚୟ ଜ୍ଞାତ ହେବା ପରେ ବି କଣ ଆମେ ତାଙ୍କୁ ସବୁ ଭୌତିକ ବସ୍ତୁ ଚୋରି କରନ୍ତି କହିବା ଅଯୌକ୍ତିକ ହେବନାହିଁ ? ଈଶ୍ୱର ସେହି ବ୍ୟକ୍ତିର ସବୁକିଛି ହରଣ କରନ୍ତି ଯିଏ ତାଙ୍କର ପଦାଶ୍ରିତ । ଶରଣାଗତ, ସେଥିପାଇଁ ସେ ହରି ସେଥିପାଇଁ ସେ ଚୌରାଗ୍ରଗଣ୍ୟ ପରଂ ପୁରୁଷ । ପରମାତ୍ମା ପରମେଶ୍ୱର ।

ଲୋକେ କୁହନ୍ତି ଈଶ୍ୱର ଭକ୍ତ ହିଁ ସବୁବେଳେ ଦୁଃଖ ଭୋଗେ । ତାକୁ ଲୋକେ ଦୁର୍ବଳ ଭାବନ୍ତି । କିନ୍ତୁ ଯିଏ ଈଶ୍ୱରଙ୍କ ଉପରେ ଆସ୍ଥା ରଖେ ନାହିଁ, ଯିଏ ଈଶ୍ୱର ବିଶ୍ୱାସୀ ନୁହେଁ ତାକୁ ସୁଖ ହିଁ ସୁଖ ମିଳେ । ଲୋକେ ତାକୁ ସବଳ ଭାବନ୍ତି । ଏକଦା ଅର୍ଜୁନ ଭାଗବାନ ଶ୍ରୀକୃଷ୍ଣଙ୍କୁ ଠିକ ଏହି କଥା ପଚାରିଥିଲେ । ଉତ୍ତରରେ ଶ୍ରୀକୃଷ୍ଣ କହିଲେ ଥରେ ଦୁଇ ଜଣ ବ୍ୟକ୍ତି ରାସ୍ତାରେ ଯାଉଥିଲେ । ଜଣେ ଦୁର୍ଘଟଣାରେ ମରୁମରୁ ବଞ୍ଚିଗଲା । ଅନ୍ୟ ଜଣକ ଗୋଟିଏ ପୁଟୁଳି ପାଇଲା ଯେଉଁଥିରେ କିଛି ସ୍ୱର୍ଣ୍ଣ ମୁଦ୍ରା ଥିଲା । ଦୁର୍ଘଟଣା ଗ୍ରସ୍ତ ଲୋକଟି ମୋର ପରମ ଭକ୍ତ । ଅନ୍ୟ ଲୋକଟି ମୋତେ ମାନେ ନାହିଁ । ବିଶ୍ୱାସ କରେ ନାହିଁ । ଅର୍ଜୁନ ତତକ୍ଷଣାତ କହିଲେ ତାହେଲେ ମୁଁ ଯାହା କହୁଥିଲି ତାହା ସତ୍ୟ ଅଟେ । ଭଗବାନ ଅଳ୍ପ ହସି କହିଲେ ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିର ମୃତ୍ୟୁ ଯୋଗ ଓ ଦ୍ୱିତୀୟ ବ୍ୟକ୍ତିର ରାଜ ଯୋଗ ଥିଲା । ଏବେ କୁହନ୍ତୁ କିଏ ଦୁଃଖ ପାଏ ? ଈଶ୍ୱର ବିଶ୍ୱାସୀ ନା ଈଶ୍ୱର ଅବିଶ୍ୱାସୀ ? ଅର୍ଜୁନଙ୍କୁ ଉତ୍ତର ଦେବାର ପ୍ରୟୋଜନ ନ ଥିଲା । ଶ୍ରୀକୃଷ୍ଣ ତାଙ୍କ ମନର କଥା ଜାଣି ସାରିଥିଲେ ।

ଥରେ ମାତା ଯଶୋଦା ଯମୁନାରେ ଦୀପ ବିସର୍ଜନ କରୁଥିଲେ । ଏକାଗ୍ର ଚିତ୍ତ, ଅବିଚଳିତ ମନ କିଛି ସମୟ ଉପରନ୍ତେ ଦେଖିଲେ ଯେ କୌଣସି ଦୀପ ଯମୁନା ଜଳରେ ଭାସୁ ନାହିଁ । ଆଶ୍ଚର୍ଯ୍ୟଚକିତ ଯଶୋଦା ମାତାଙ୍କର ଦୃଷ୍ଟି ହାଠାତ କାହ୍ନା ଉପରେ ପଡିଲା । ସେ ଯଶୋଦାଙ୍କ ଅଲକ୍ଷ୍ୟରେ ଦୀପ ସବୁକୁ କୂଳକୁ ଆଣି ସାଇତି ରଖିଥିଲେ । ମାତା କୃଷ୍ଣଙ୍କୁ ଏପରି କରିବାର କାରଣ ପଚାରିଲେ । କୃଷ୍ଣ କହିଲେ ଯେ ସେ ଦୀପମାନଙ୍କୁ ବୁଡିବାରୁ ରକ୍ଷା କରୁଛନ୍ତି । ଯଶୋଦା ପୁଣି ପଚାରିଲେ ସେ ଏମିତି କେତେ ଦୀପ କୂଳକୁ ଆଣି ତାଙ୍କୁ ବୁଡିବାରୁ ରକ୍ଷା କରିବ ? ଟିକିଏ ହସିଦେଇ କୃଷ୍ଣ ପ୍ରତ୍ୟୁତ୍ତରରେ କହିଲେ ମୁଁ କଣ ସାରା ସଂସାରର ଠିକା ନେଇଛି ଯେ ସମସ୍ତଙ୍କୁ ବୁଡିବାରୁ ରକ୍ଷା କରିବି ? କିନ୍ତୁ ଯିଏ ମୋ ନିକଟକୁ ସ୍ୱୟଂ ଆସିବ ମୁଁ ତାକୁ ଅବଶ୍ୟ ରକ୍ଷା କରିବି । ମାତା ଯଶୋଦାଙ୍କୁ ବୁଝିବାକୁ କିଛି ବାକି ନ ଥିଲା । ବିଷୟର ବିଶଦ ଆଲୋଚନା ବିଷୟ ଓ ବିଷୟୀର ଚିତ୍ର ସ୍ପଷ୍ଟ କରି ପାରିଥିବ ବୋଲି ଆମର ବିଶ୍ୱାସ । ସତରେ କଣ ଈଶ୍ୱର ସବୁକିଛି ଚୋରି କରନ୍ତି ? ଯାରି ଉପରେ ତର୍ଜମା କରି ଆପଣ ଆପଣଙ୍କ ବିଚାର ରଖିବେ । ଆମେ ନୁହଁ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ , ସମ୍ବଲପୁର**

## ଆଜିର ଚିନ୍ତନ

**ଆ**ନନ୍ଦ ଟିକକ ପାଇବା ପାଇଁ ମଣିଷ ଅହରହ ବ୍ୟାକୁଳ ହୋଇଥାଏ । ଶିଶୁ ଅବସ୍ଥାରୁ ଆରମ୍ଭ କରି ଜରାବସ୍ଥା ପର୍ଯ୍ୟନ୍ତ ଏହି ଆକାଂକ୍ଷା ପୂରଣ ପାଇଁ ଉଦ୍ୟମ କରିଥାଏ । ହେଲେ ସେ ସଫଳ ହୋଇ ପାରେନାହିଁ । ଆନନ୍ଦ ପାଇବା ମଣିଷର ଚିରନ୍ତନ ଅଭିପ୍ସା ହୋଇଥିଲେ ହେଁ କାହିଁକି ସେ ତାହା ପାଇପାରେ ନାହିଁ ? ଆନନ୍ଦନ ପାଇବାର ମୁଖ୍ୟ କାରଣ ହେଉଛି ମଣିଷର 'ବର୍ହିମୁଖୀ ଦୃଷ୍ଟି' । ଯାହା ତା' ଭିତରେ ଅଛି, ତାହା ସେ ବାହାରେ ଖୋଜୁଛି । ଯେମିତି କସ୍ତୁରୀର ଅନୁସନ୍ଧାନରେ ମୃଗ ଏଣେତେଣେ ବୁଲୁଥାଏ । ତାହା ନିଜ ଭିତରେ ବିଦ୍ୟମାନ ଥିବାରୁ ଯଦି ତାର ବୋଧ ହୁଅନ୍ତା ତେବେ ସେ ତୃଷ୍ଣାରୁ ଅଗ୍ନିରେ ଜଳନ୍ତା ବା କାହିଁକି ? ମଣିଷର ଅବସ୍ଥା ମଧ ଠିକ ସେହିପରି । ଆନନ୍ଦର ସ୍ରୋତ ତା ନିଜ ଭିତରେ ଥିବା ବେଳେ ସେ ବାହ୍ୟ ଜଗତରେ ତଥା ବାହ୍ୟ ପଦାର୍ଥରେ ଆନନ୍ଦ ଖୋଜୁଛି । ତେଣୁ ତାକୁ ମୃଗ ପରି ନିରାଶ ହେବାକୁ ପଡୁଛି । ମଣିଷର ଆନନ୍ଦ ପ୍ରାପ୍ତିର କେନ୍ଦ୍ର ସର୍ବଦା ବଦଳିଥାଏ । ଯେମିତିକି ଶୈଶବ ମା' କୋଳରେ, ବାଲ୍ୟାବସ୍ଥା ଖେଳନାରେ, ଛାତ୍ରଜୀବନ ପୁସ୍ତକରେ, ଗୃହସ୍ଥାଶ୍ରମ ସନ୍ତାନ ମୋହରେ, ଯଶପ୍ରାପ୍ତିରେ ନିୟୋଜିତ ହୋଇଥାଏ । ଧନ, ସମ୍ପଦ, ଯଶ ଆଦି ସବୁ ମିଳିବା ପରେ ମଧ ମଣିଷକୁ ସନ୍ତୋଷ ମିଳିନଥାଏ । ଅତୃପ୍ତ ଓ ଅଶାନ୍ତ ମନ ସ୍ଥିତି ପୁଣି ଅଧିକରୁ ଅଧିକ ପାଇବା ପାଇଁ ବ୍ୟାକୁଳ ହୋଇଥାଏ । ମନୁଷ୍ୟ ଯେତିକି ଆନନ୍ଦ ପାଇବାର ପ୍ରୟାସ କରେ, ସେ ସେତିକି ତାହାଠାରୁ ଦୂରକୁ ଚାଲିଯାଏ । ଏ ସବୁ କଥାକୁ ଗମ୍ଭୀର ଭାବେ ବିଚାର କଲେ ଜଣାପଡେ ଯେ, ଯେଉଁ ଭୌତିକ ବସ୍ତୁରୁ ଆନନ୍ଦ ଲାଭ କରିବାର ପ୍ରଯତ୍ନ କରାଯାଏ, ସେ ପଦାର୍ଥ ବସ୍ତୁତଃ ଆନନ୍ଦ ରହିତ । ଏଣୁ ଏଥିରୁ ଗୋଟିଏ ସ୍ପଷ୍ଟ ଯେ ସୁଖ ଓ ଆନନ୍ଦର କେନ୍ଦ୍ର ମଣିଷ ଭିତରେ ହିଁ ଅଛି, ବାହାରେ ନୁହେଁ । ଆନନ୍ଦର ଭାବନା ଅନ୍ତରାତ୍ମାରେ ବିଦ୍ୟମାନ । ଏଣୁ ଶାଶ୍ୱତ ଆନନ୍ଦ ପାଇବାକୁ ହେଲେ ଆମର ଦୃଷ୍ଟିକୁ ବର୍ହିମୁଖୀ ନୁହେଁ, ଅନ୍ତର୍ମୁଖୀ କରିବାକୁ ହେବ । ଲୋଭ, ମୋହ, ମାୟା, ଲାଳସା ଆଦିରୁ ଦୂରେଇ ରହି, ଜଗତର ଶ୍ରେଷ୍ଠ ଯୋଗୀ (ଈଶ୍ୱର)ଙ୍କ ସହ ଆମକୁ ଯୋଡ଼ି ହେବାକୁ ହେବ । ତାଙ୍କ ନିର୍ଦ୍ଦେଶିତ ମାର୍ଗରେ ଆମକୁ ଚାଲିବାକୁ ପଡ଼ିବ । ସବୁ ପ୍ରକାର ଆକର୍ଷଣକୁ ପରିତ୍ୟାଗ କରି ଏକନିଷ୍ଠ ଭାବେ ତାଙ୍କ ପଥରେ ଚାଲିଲେ ଶାଶ୍ୱତ ଆନନ୍ଦ ଯେ ନିଶ୍ଚୟ ମିଳିବ ଏଥିରେ ଦ୍ୱିମତ ନାହିଁ ।

ସ୍ୱୀକାର

ବର୍ଷ ୨୮, ସଂଖ୍ୟା - ୩୦, ୨୮ ଜୁଲାଇ - ୦୩ ଅଗଷ୍ଟ ୨୦୨୪

# କେନ୍ଦ୍ର ବଜେଟରେ ଅବହେଳିତ ଓଡ଼ିଶା

**କେ**ନ୍ଦ୍ରରେ ଓଡ଼ିଶାରୁ ବିଜେପି ୨୦ ଜଣ ସାଂସଦ ନିର୍ବାଚିତ ହୋଇ ଯାଇଥିଲେ ମଧ ଓଡ଼ିଶାକୁ ବଜେଟ୍‌ରେ ସମ୍ପୂର୍ଣ୍ଣ ଉପେକ୍ଷା କରିଛନ୍ତି କେନ୍ଦ୍ର ସରକାର । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କେବଳ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ପ୍ରଶଂସା କରିଛନ୍ତି ସିନା, ରାଜ୍ୟ ପାଇଁ କୌଣସି ଗୋଟିଏ ଆଦୃଶିଆ ଘୋଷଣା କରିନାହାନ୍ତି । ଅନ୍ୟପକ୍ଷରେ ଏନ୍‌ଡ଼ିଏ ମେଣ୍ଟର ଦୁଇ ସହଯୋଗୀ ଜେଡିୟୁ ଓ ଟିଡ଼ିପିକୁ ସନ୍ତୁଷ୍ଟ କରିବାକୁ ବିହାର ଓ ଆନ୍ଧ୍ରପ୍ରଦେଶ ପାଇଁ ବଜେଟରେ ବିପୁଳ ସହାୟତା ଘୋଷଣା କରାଯାଇଛି । ଡ଼ବଲ ଇଞ୍ଜିନ୍ ସରକାର ଗଢ଼ିଲେ ରାଜ୍ୟର ବିକାଶ ଦ୍ରୁତ ହେବ ବୋଲି ନିର୍ବାଚନ ପୂର୍ବରୁ ବିଜେପି ନେତାମାନେ କରିଥିବା ଘୋଷଣା ଯେ କେବଳ ଫମ୍ପା ଥିଲା ତାହା ପ୍ରମାଣିତ ହୋଇଛି । ବଜେଟ୍‌ରେ ବିହାରର ସଡ଼କ ଭିତ୍ତିଭୂମି ବିକାଶ ପାଇଁ ୨୬ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ଘୋଷଣା କରାଯାଇଛି । ଏହାବ୍ୟତୀତ ୨୪୦୦ ମେଗାୱାଟ ପାୱାର ପ୍ଲାଣ୍ଟ, ନୂଆ ବିମାନବନ୍ଦର, ମେଡ଼ିକାଲ କଲେଜ, କ୍ରୀଡ଼ା ଭିତ୍ତିଭୂମି ନିମନ୍ତେ ଆଉ ୨୧୪୦୦ କୋଟି ଓ ୧୧, ୭୦୦ କୋଟି ଟଙ୍କାର ବନ୍ୟା ମୁକାବିଲା ସହାୟତାକୁ ମିଶାଇ ମୋଟ୍ ୫୯ହଜାର କୋଟି ଟଙ୍କା ସହାୟତା ପ୍ରଦାନ କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ଅପରପକ୍ଷରେ ଆନ୍ଧ୍ରପ୍ରଦେଶର ନୂଆ ରାଜଧାନୀ ନିର୍ମାଣ ପାଇଁ ବଜେଟ୍‌ରେ ୧୫ ହଜାର କୋଟି ଟଙ୍କା ଓ ପୋଲାଭରମ୍ ପ୍ରକଳ୍ପ ପାଇଁ ଆଉ ୧୫ ହଜାର କୋଟି ଟଙ୍କା ବ୍ୟବସ୍ଥା କରି ଟିଡ଼ିପି ଓ ଚନ୍ଦ୍ରବାବୁ ନାଇଡୁଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରାଯାଇଥିବା କୁହାଯାଉଛି ।

ମାତ୍ର ବଜେଟ୍‌ରେ ଓଡ଼ିଶାର ବିକାଶ, ଭିଭିଭୂମି ପାଇଁ କୌଣସି ଆର୍ଥିକ ବ୍ୟବସ୍ଥା କରାଯାଇ ନାହିଁ । ଅର୍ଥମନ୍ତ୍ରୀ ତାଙ୍କ ଅଭି ଭାଷଣରେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ପ୍ରଶଂସା କରିଛନ୍ତି ସତ । ମାତ୍ର ଆର୍ଥିକ ଅନୁଦାନ ପ୍ରଦାନ ବେଳକୁ ହାତ ଜାକି ଦେଇଛନ୍ତି । ବିଡ଼ମ୍ବନା ହେଉଛି ଓଡ଼ିଶା ପରି ଆନ୍ଧ୍ରପ୍ରଦେଶ ଓ ବିହାର ମଧ ସ୍ୱତନ୍ତ୍ର ପାହ୍ୟା ଦାବି କରି ଆସୁଛନ୍ତି । ଟିଡ଼ିପିର ୧୬ ସାଂସଦଙ୍କୁ ମିଶାଇ ଏନ୍‌ଡିଏର ମୋଟ ୨୧ ଜଣ ଆନ୍ଧ୍ରରୁ ସଂସଦକୁ ପ୍ରତିନିଧିତ୍ୱ କରୁଛନ୍ତି । ସେହିପରି ବିହାରରେ ବିଜେପି ଓ ଏହାର ସହଯୋଗୀମାନେ ମୋଟ ୨୯ଟି ଆସନରେ ବିଜୟୀ ହୋଇଛନ୍ତି ଏବଂ ଏହାମଧରୁ ଜେଡିୟୁକୁ ମାତ୍ର ୧୨ଟି ଆସନ ମିଳିଛି । ଅନ୍ୟପକ୍ଷରେ ଓଡ଼ିଶାରୁ ୨୧ ଆସନରୁ ବିଜେପି ଏକାକୀ ୨୦ଟି ସ୍ଥାନରେ ବିଜୟୀ ହୋଇଛି । ଏହା ସତ୍ତ୍ୱେ ଆନ୍ଧ୍ର ଓ ବିହାର ଉପରେ ଅନୁଦାନ ବର୍ଷା ହୋଇଥି ବାବେଳେ ଓଡ଼ିଶା ସମ୍ପୂର୍ଣ୍ଣ ଉପେକ୍ଷିତ ହୋଇଛି ।

ସେହିପରି ୨୦୨୪-୨୫ ବଜେଟ୍‌ରେ ଆସାମରେ ବନ୍ୟା ମୁକାବିଲା କାଇଁ ୧୧୫୦୦ କୋଟି ଟଙ୍କା ମଞ୍ଜୁର କରିଥିବାବେଳେ ବାତ୍ୟାପ୍ରବଣ ଓଡ଼ିଶା ପାଇଁ ଟଙ୍କାଟିଏ ମିଳିନାହିଁ ।


ଗତ ୨୦୦୦ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ 'ୟସ'କୁ ବାଦ ଦେଇ ୬ଟି ଭୀଷଣ ଓ ଅତିଭୀଷଣ ବାତ୍ୟା, ୬ଟି ଭୟଙ୍କର ମରୁଡ଼ି ଓ ୧୫ଟି ପ୍ରଳୟଙ୍କରୀ ବନ୍ୟାରେ ଓଡ଼ିଶାର ପ୍ରଭୂତ କ୍ଷତି ଘଟିଛି । ଭିତ୍ତିଭୂମି ଦୋହଲି ଯାଇଛି, ବିପୁଳ ଫସଲ ନଷ୍ଟ ହୋଇଛି । ଏହି କ୍ଷତି ଭରଣା ଲାଗି କେନ୍ଦ୍ର ନିକଟରେ ଦାବି କରିଛି । ଓଡ଼ିଶା ୫୬୧୧୮ କୋଟି ଟଙ୍କା । ମାତ୍ର କେନ୍ଦ୍ର ସରକାର ଓଡ଼ିଶାକୁ ଅନୁଦାନ ଦେବାରେ କେବଳ କାର୍ପଣ୍ୟ ପ୍ରଦର୍ଶନ କରିନାହାନ୍ତି, ନାମମାତ୍ର ସହାୟତା ଦେଇ ଓଡ଼ିଶାକୁ ଉପହସିତ କରିଛନ୍ତି । ୫୬୧୧୮ କୋଟି ଟଙ୍କାର କ୍ଷତି ପୂରଣ ଦାବିର ପ୍ରତିବଦଳରେ ଓଡ଼ିଶାକୁ ମିଳିଛି ମାତ୍ର ୭୫୭୮ କୋଟି ଟଙ୍କା ସହାୟତା ।

ଗତ ୧୦୦ ବର୍ଷ ମଧରେ ରାଜ୍ୟ ୧୩୬ଟି ସାମୁଦ୍ରିକ ଝଡ଼ର ସମ୍ମୁଖୀନ ହୋଇଛି । ଗତ ୨୦୧୯ଠାରୁ ଚଳିତ ବର୍ଷ ପର୍ଯ୍ୟନ୍ତ ଗତ ୩ ବର୍ଷରେ ୩ଟି ଅତିଭୀଷଣ ଓ ଭୀଷଣ ସାମୁଦ୍ରିକ ଝଡ଼ 'ଫନୀ', 'ଅମ୍ଫନ' ଓ 'ୟସ'କୁ ସାମ୍ନା କରିଛି ରାଜ୍ୟ । ଏହି ବାତ୍ୟା ଯୋଗୁଁ ଭିତ୍ତିଭୂମିଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ବିପୁଳ କ୍ଷତି ଘଟିଛି । ତେଣୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ବିପର୍ଯ୍ୟୟପ୍ରବଣ ଘୋଷଣା କରାଯିବାର ଯଥାର୍ଥତା ସୃଷ୍ଟି ହୋଇଛି ।

ଓଡ଼ିଶା ନିରନ୍ତର ଭାବରେ କେନ୍ଦ୍ରୀୟ ଅବହେଳା ଶିକାର ହୋଇ ଆସୁଛି । ଗତ ୨୪ ବର୍ଷ ହେଲା ବିଜେଡି ସରକାର ଏହା ବିରୋଧରେ ସ୍ୱର ଉତ୍ତୋଳନ କରି ଆସୁଥିଲେ । ମାତ୍ର ରାଜ୍ୟରେ ଡ଼ବଲ ଇଞ୍ଜିନ୍ ସରକାର ଗଠନ ପରେ ମୋଦୀ ସରକାରଙ୍କ ତୃତୀୟ ପାଳିର ଏହି ପ୍ରଥମ ବଜେଟରୁ ଓଡ଼ିଶା ଅନେକ କିଛି ଆଶା ରଖିଥିଲେ । ବଜେଟ୍ ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କ ସହ ଅଧ ଡ଼ଜନେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ବିଭିନ୍ନ ଦାବି କରିଥିଲେ । ଏମ୍‌ସଠାରୁ ଆରମ୍ଭ କରି ରାଜପଥ, ରେଳପଥ ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ଦୃଷ୍ଟିରୁ ବଜେଟରେ ରାଜ୍ୟର ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜର ଆଶା ରଖାଯାଉଥିଲା । ମାତ୍ର ଏହାମଧରୁ କୌଣସି ଦାବିକୁ କେନ୍ଦ୍ର ସରକାର ଗ୍ରହଣ କରି ନ ଥିବା ଆପାତତଃ ସ୍ପଷ୍ଟ ହୋଇଛି ।

# ଇତିହାସର ବୀରମାନେ

## ମହାତ୍ମା ଗାନ୍ଧୀ



**ସେ**ହି ବିପ୍ଳବୀମାନଙ୍କର କାର୍ଯ୍ୟକଳାପକୁ ଗୁରୁ ଗୋବିନ୍ଦ ସିଂହ, ୱାଶିଂଟନ୍, ଗାରିବାଲ, କିମ୍ବା ଲେନିନ୍‌ଙ୍କର କାର୍ଯ୍ୟଗୁଡ଼ିକ ସହିତ ତୁଳନା କରିବା ଅତ୍ୟନ୍ତ ଭ୍ରମାତ୍ମକ ଓ ବିପଜ୍ଜନକ ହେବ । ମାତ୍ର, ଅହିଂସାର ସିଦ୍ଧାନ୍ତ ଦ୍ୱାରା ପରୀକ୍ଷା କରି ମୁଁ ଏକଥା ମଧ କହିବାରେ କୌଣସି କୁଣ୍ଠା ବୋଧ କରୁନାହିଁ ଯେ, ଯଦି ମୁଁ ସେମାନଙ୍କର ସମସାମୟିକଭାବରେ ସେହିସବୁ ଭିନ୍ନ ଭିନ୍ନ ଦେଶରେ ଜନ୍ମ ହୋଇଥାନ୍ତି, ତେବେ ଏକଥା ଅତ୍ୟନ୍ତ ସମ୍ଭବ ଯେ ମୁଁ ସେମାନଙ୍କୁ ପ୍ରତ୍ୟେକଙ୍କୁ ଜଣେ ଜଣେ ସଫଳ ଏବଂ ସାହସୀ ଯୋଦ୍ଧାବୋଲି କହିଥିଲେ ମଧ ଭୁଲ୍ ପଥରେ ଯାଉଥିବା ଦେଶଭକ୍ତ ବୋଲି କହିଥାନ୍ତି ।

ବୀରମାନଙ୍କର କରଣିଗୁଡ଼ିକର ବିଶଦ ବିବରଣୀ ଦେଇ ଯେଉଁ ଇତିହାସ ଲେଖା ଯାଇଥାଏ, ସେହି ଇତିହାସରେ ମୋ'ର କୌଣସି ବିଶ୍ୱାସ ନାହିଁ । ଇତିହାସର ବୃହତ୍ ଘଟଣାଗୁଡ଼ିକୁ ମୁଁ ଗ୍ରହଣ କରିନିଏ ଏବଂ ମୋ' ନିଜର ଆଚରଣ ନିମନ୍ତେ ସେଥିରୁ ମୋ'ର ଶିକ୍ଷାଗୁଡ଼ିକୁ ସଂଗ୍ରହ କରିନିଏ । ଯେଉଁସବୁ ସ୍ଥାନରେ ବୃହତ୍ ଘଟଣାଗୁଡ଼ିକ ଜୀବନର ଉଚ୍ଚତମ ବିଧାନଗୁଡ଼ିକର ବିରୋଧ କରୁଥାନ୍ତି, ମୁଁ ସେଗୁଡ଼ିକର ପୁନରାବୃତ୍ତି କରିବାକୁ ଇଚ୍ଛା କରେନାହିଁ । ମାତ୍ର, ଇତିହାସ ଆମ ଆଗରେ ଯେଉଁ ଅତ୍ୟଚ୍ଛ ତଥ୍ୟ ଆଣି ଉପସ୍ଥାପିତ କରୁଛି, ମୁଁ ସେଇଥିରୁ ହିଁ ମନୁଷ୍ୟମାନଙ୍କର ବିଚାର କରିବାକୁ କେବେହେଲେ ସମ୍ମତ ହୁଏନାହିଁ । De mortuis nil nisi bonum.

କାମାଲ ପାଶା ଏବଂ ଡି. ଭେଲେରାଙ୍କୁ ମଧ ମୁଁ ବିଚାର କରି ପାରିବି ନାହିଁ । ମାତ୍ର, ସମ୍ପୂର୍ଣ୍ଣଭାବରେ ଅହିଂସାରେ ବିଶ୍ୱାସ କରୁଥିବା ଜଣେ ବ୍ୟକ୍ତି ହିସାବରେ, ସେମାନଙ୍କର ଯୁଦ୍ଧ ଉପରେ ରହିଥିବା ଆସ୍ଥାର କ୍ଷେତ୍ରରେ, ସେମାନେ ମୋ' ପାଇଁ ଜୀବନର ମାର୍ଗ ଦର୍ଶକ ହୋଇ ପାରିବେ ନାହିଁ । ମୁଁ କୃଷ୍ଣଙ୍କୁ ବିଶ୍ୱାସ କରେ ; ମାତ୍ର ମୋ' କୃଷ୍ଣ ହେଉଛନ୍ତି ବିଶ୍ୱ ସଂସାରର ମାଲିକ, ସୃଷ୍ଟିକର୍ତ୍ତା, ଆମ ସମସ୍ତଙ୍କର ରକ୍ଷାକର୍ତ୍ତା ଏବଂ ସଂହାରକର୍ତ୍ତା ସେ ସୃଷ୍ଟି କରୁଛନ୍ତି, ତେଣୁ ସେ ଇଚ୍ଛା କଲେ ସଂହାର ମଧ କରି ପାରିବେ ।

ମୋ' ଜୀବନଦର୍ଶନ ବିଷୟରେ ଶିକ୍ଷା ଦେବା ଲାଗି ମୋ'ଠାରେ ଆବଶ୍ୟକ ଯୋଗ୍ୟତା ନାହିଁ । ମୁଁ ଯେଉଁ ଦର୍ଶନରେ ବିଶ୍ୱାସ କରେ, ତାହାକୁ ନିଜ ଜୀବନରେ ଅଭ୍ୟାସ କରିବା ପାଇଁ ହିଁ ମୋ'ର ଯାହାକିଛି ଯୋଗ୍ୟତା ରହିଛି ।... ମୋ'ର ସମଗ୍ର ଦର୍ଶନକୁ ପ୍ରତ୍ୟାଖ୍ୟାନ କରିବା ନିମନ୍ତେ ବିପ୍ଳବୀମାନଙ୍କର ପୂର୍ଣ୍ଣ ସ୍ୱାଧୀନତା ରହିଛି ।... ମାତ୍ର ଭାରତବର୍ଷ ତୁରସ୍କ ପରି ନୁହେଁ କି ଆୟର୍ଲାଣ୍ଡ, କିମ୍ବା ରୁଷିଆ ପରି ଆଦୌ ନୁହେଁ । ଦେଶର ବର୍ତ୍ତମାନ ସ୍ଥିତିରେ ସେହି ବିପ୍ଳବୀ କାର୍ଯ୍ୟକଳାପକୁ କେବଳ ଆତ୍ମଘାତମୂଳକ ବୋଲି କୁହାଯାଇ ପାରିବ । ଏପରି ଏକ ବୃହତ୍ ଦେଶ, ଏତେ ଅସମ୍ଭବଭାବରେ ବହୁବିଭାଜିତ ହୋଇ ରହିଛି ଏବଂ ଜନସାଧାରଣ ଦାରିଦ୍ର୍ୟର କେତେ ଗଭୀରରେ ଯାଇ ବୁଡ଼ି ରହିଛନ୍ତି ଏବଂ ଭୟଙ୍କର ଭାବରେ ଭୀତତ୍ରସ୍ତ ହୋଇ ରହିଛନ୍ତି । ସବୁଦିନ ପାଇଁ ହୁଏତ ନହେଲେ ମଧ ବର୍ତ୍ତମାନ ପାଇଁ ତାହା ପ୍ରକୃତରେ ଆତ୍ମଘାତମୂଳକ ହିଁ ହେବ ।

ଶତ୍ରୁର ଆତ୍ମା ଲାଗି ଉପକାର କରିବାର କଳ୍ପନାରେ ବିପ୍ଳବୀ ଶରୀରଟିକୁ ସଂହାର କରେ । ମୁଁ ତ ଏପରି ଜଣେ ବିପ୍ଳବୀର ସମ୍ପର୍କରେ ଆସିନାହିଁ, ଯିଏକି ଶତ୍ରୁର ଆତ୍ମା ବିଷୟରେ କେବେହେଲେ ଆଦୌ କୌଣସି ଚିନ୍ତା ମଧ କରିଥବ । ଶତ୍ରୁର ଶରୀର ଏବଂ ଆତ୍ମା, ଦୁଇଟିଯାକ ନଷ୍ଟ ହୋଇଯାଉ ପଛକେ, ବିପ୍ଳବୀ ତ କେବଳ ନିଜ ଦେଶର ଉପକାରକୁ ହିଁ ଏକମାତ୍ର ଲକ୍ଷ୍ୟ ବୋଲି ଗ୍ରହଣ କରିଥାଏ ।

ତା'ର ଦେଶପ୍ରୀତି ନିମନ୍ତେ ମୁଁ ଅରାଜକତାବାଦୀକୁ ସମ୍ମାନ ଦିଏ । ନିଜ ଦେଶ ନିମନ୍ତେ ମୃତ୍ୟୁବରଣ କରିବାକୁ ସେ ସ୍ୱେଚ୍ଛା ପ୍ରବୃତ୍ତ ଭାବରେ ପ୍ରସ୍ତୁତ ହୋଇ ରହିଥାଏ, ତାହାର ସେହି ସାହସ ଲାଗି ମୁଁ ତାକୁ ସମ୍ମାନ ଦିଏ । ମାତ୍ର ମୁଁ ତାକୁ ପଚାରେ ହତ୍ୟା କରିବା ଏକ ସମ୍ମାନଜନକ କାର୍ଯ୍ୟ କି ? ଆତତାୟୀର ଖଡ଼୍‌ଗକୁ ପ୍ରକୃତରେ ଏକ ସମ୍ମାନଜନକ ମୃତ୍ୟୁର ଯୋଗ୍ୟ ପୁରୋଗାମୀ ବୋଲି କୁହାଯିବ କି ? ମୁଁ ସେ କଥା ଆଦୌ ସ୍ୱୀକାର କରୁନାହିଁ ।

ମୁଁ ମୋ'ର ଦୃଢ଼ ମତଟିକୁ ଦୋହରାଇ କହିବି ଯେ, ଅନ୍ୟ ଦେଶମାନଙ୍କର କ୍ଷେତ୍ରରେ ଯାହାକିଛି ଠିକ୍ ହୋଇଥାଉ ପଛକେ, ଅନ୍ତତଃ ଭାରତବର୍ଷରେ ରାଜନୀତିକ ହତ୍ୟା ଦ୍ୱାରା ଦେଶର କ୍ଷତି ହିଁ ହେବ ।

ସ୍ୱାଧୀନତା ନିମନ୍ତେ ଯୁଦ୍ଧ କରିଥିବା ବ୍ୟକ୍ତିମାନଙ୍କର ରକ୍ତରେ ଇତିହାସର ପୃଷ୍ଠା ରକ୍ତକଳୁଷିତ ହୋଇ ରହିଛି । ମୁଁ ଏପରି ଗୋଟିଏ ହେଲେ ଦୃଷ୍ଟାନ୍ତ ପାଇନାହିଁ, ଯେଉଁଠାରେ କି ଏକ ଅବିଶ୍ୱାସନୀୟ ପରିମାଣର ଜନ୍ମପୀଡ଼ାର ମଧଦେଇ ନଯାଇ ଜାତିମାନେ ସେମାନଙ୍କର ଇପ୍ସିତ ଲକ୍ଷ୍ୟକୁ ହାସଲ କରିଛନ୍ତି । ଆତତାୟୀର ଖଡ଼୍‌ଗ, ବିଷର ପାତ୍ର, ବନ୍ଧୁକଧାରୀର ବନ୍ଧୁକ ଏବଂ ବର୍ଚ୍ଛା ମୋ' ବିଚାରରେ ଅନ୍ଧଭାବରେ ମୁକ୍ତି ଏବଂ ସ୍ୱାଧୀନତାକୁ ଭଲ ପାଉଥିବା ବ୍ୟକ୍ତିମାନେ ଏହି ଯାବତୀୟ ଅସ୍ତ୍ର ତଥା ବିନାଶର ପ୍ରଣାଳୀକୁ ଏପର୍ଯ୍ୟନ୍ତ କାମରେ ଲଗାଇଛନ୍ତି । ମୁଁ ଆତଙ୍କବାଦୀର ପକ୍ଷକୁ ଆଦୌ ସମର୍ଥନ କରି ପାରୁ ନାହିଁ ।

ମୁଁ ଯେପରି ଯଥାଶୀଘ୍ର ତାହା ହିଁ (ଯାବତୀୟ ବାସନାରୁ ମୁକ୍ତ, ପାପ ଲାଗି ସମ୍ପୂର୍ଣ୍ଣ ଅସମର୍ଥ ) ହୋଇ ପାରିବି, ବିପ୍ଳବୀ ମୋ' ସହିତ ଏବଂ ମୋ ଲାଗି ସେହି ପ୍ରାର୍ଥନା ହିଁ କରୁ । ମାତ୍ର, ବର୍ତ୍ତମାନ ମୁହୂର୍ତ୍ତଟି ସକାଶେ, ମୁଁ ଯାହାକୁ ଦିବାଲୋକ ପରି ସ୍ପଷ୍ଟଭାବରେ ଦେଖିପାରୁଛି, ଅର୍ଥାତ୍, ସମ୍ପୂର୍ଣ୍ଣ ଅହିଂସା ଦ୍ୱାରା ସମର୍ଥିତ ସାଧନଗୁଡ଼ିକୁ କାମରେ ଲଗାଇ ଭାରତବର୍ଷର ସ୍ୱାଧୀନତା ଲାଗି ସିଏ ମୋ' ସହିତ ପ୍ରଥମ ପଦକ୍ଷେପଟିକୁ ମଧ ଅବଶ୍ୟ ଗ୍ରହଣ କରୁ ।'


ଏକ ସମ୍ପୂର୍ଣ୍ଣ ଜାତି ନପୁଂସକ ହୋଇ ରହିବ, ମୁଁ ତା' ଅପେକ୍ଷା ବରଂ ହିଂସାକୁ ହଜାରେ ଗୁଣ ଅଧିକ ପସନ୍ଦ କରିବି ।

ମୁଁ ଦୃଢ଼ଭାବରେ ବିଶ୍ୱାସ କରୁଛି ଯେ, ଯେଉଁଠାରେ କେବଳ ଭୀରୁତା ଏବଂ ହିଂସା ଭିତରୁ ଗୋଟିକୁ ବାଛିନେବାକୁ ପଡ଼େ, ମୁଁ ସେଠାରେ ହିଂସା ଲାଗି ପରାମର୍ଶ ଦେବି । ଭୀରୁତାର ଆଚରଣ କରି ଭାରତବର୍ଷ ଆପଣାର ଅସମ୍ମାନ ଆଗରେ ଏକ ମୂକ ସାକ୍ଷୀ ହୋଇ ରହିଥିବ, ଏହା ଅପେକ୍ଷା ସିଏ ନିଜର ସମ୍ମାନରକ୍ଷା ନିମନ୍ତେ ଅସ୍ତ୍ରଧାରଣ କରୁ ବୋଲି ମୁଁ ଅଧିକ ପସନ୍ଦ କରିବି ।

ମାତ୍ର, ମୁଁ ବିଶ୍ୱାସ କରୁଛି ଯେ, ଅହିଂସା ହେଉଛି ହିଂସା ଅପେକ୍ଷା ଅନନ୍ତ ଗୁଣରେ ଅଧିକ କାମ୍ୟ, କ୍ଷମା ପ୍ରଦାନ କରିବା ଶାସ୍ତି ଦେବା ଅପେକ୍ଷା ଅଧିକ କାମ୍ୟ । କ୍ଷମାର ପ୍ରଦାନ ଜଣେ ସୈନିକର ଭୂଷଣ ହୋଇ ରହେ । ମାତ୍ର, ଯେତେବେଳେ ଶାସ୍ତି ଦେବାର ସାମର୍ଥ୍ୟ ବିଦ୍ୟମାନ୍ ରହିଥାଏ, ସେତେବେଳେ ସେଥିରୁ ନିଜକୁ ନିବୃତ୍ତ କରି ରଖିବାକୁ ହିଁ କ୍ଷମା ବୋଲି କୁହାଯିବ । ମାତ୍ର, ଜଣେ ଅସହାୟ ବଳହୀନ ପ୍ରାଣୀ ଯେତେବେଳେ କ୍ଷମା ଦେବାର ଛଳନା କରୁଥାଏ, ସେତେବେଳେ ତାହାର କୌଣସି ଅର୍ଥ ନଥାଏ । ମାତ୍ର ଭାରତବର୍ଷ ଦୁର୍ବଳ ବୋଲି ମୁଁ ଆଦୌ ବିଶ୍ୱାସ କରୁନାହିଁ । ମୁଁ ନିଜକୁ ମଧ ଗୋଟିଏ ଦୁର୍ବଳ ଅସହାୟ ଜୀବ ବୋଲି ବିଶ୍ୱାସ କରୁନାହିଁ । ଶାରୀରିକ ସାମର୍ଥ୍ୟରୁ କଦାପି ବଳ ସମ୍ଭବ ହୁଏ ନାହିଁ । ଏକ ଅଦମ୍ୟ ଇଚ୍ଛାଶକ୍ତିରୁ ତାହା ସମ୍ଭବ ହୋଇଥାଏ । ଆମେ ମନୁଷ୍ୟ ଭିତରେ ରହିଥିବା ପଶୁଟିକୁ ନିକାଲି ବାହାର କରିଦେବାକୁ ଇଚ୍ଛା କରୁଛୁ, ମାତ୍ର ସେଥି ଲାଗି ଆମେ ତାକୁ ନପୁଂସକ କରିଦେବାକୁ ଆଦୌ ଚାହୁଁନାହୁଁ । ଆପଣାର ନିଜ ସ୍ଥିତିଟିକୁ ଆବିଷ୍କାର କରୁଥିବାର ପ୍ରକ୍ରିୟାରେ ମନୁଷ୍ୟ ମଧରେ ରହିଥିବା ପଶୁଟି ମଝିରେ ମଝିରେ ନିଜର କୁତ୍ସିତ ରୂପଟିକୁ ମଧ ଧାରଣ କରିବାକୁ ବଧ ହୋଇଥାଏ । ପୃଥିବୀ ସମ୍ପୂର୍ଣ୍ଣଭାବରେ ନ୍ୟାୟଶାସ୍ତ୍ର ଦ୍ୱାରା ଚାଲୁନାହିଁ । ଜୀବନମାତ୍ରକେ ହିଁ କୌଣସି ନା କୌଣସି ପ୍ରକାରର ହିଂସାକୁ ବହନ କରି ରହିଥାଏ, ଏବଂ ଆମକୁ ସର୍ବନିମ୍ନ ହିଂସାର ବାଟଟିକୁ ବାଛିନେବାକୁ ପଡ଼େ ।

# ଡାଇବେଟିସ୍ ପାଇଁ କଳା ଜିରା

**କ**ଳାଜିରା ଖାଇବା ଦ୍ୱାରା ଡାଇବେଟିସ୍ ନିୟନ୍ତ୍ରଣରେ ରହେ । ବିଭିନ୍ନ ଅଧ୍ୟୟନରୁ ଜଣାପଡିଛି ଯେ, କଳାଜିରାରେ ଆଣ୍ଟି ଡାଇବେଟିକ୍ ପ୍ରୋପର୍ଟି ଭରପୁର ମାତ୍ରାରେ ରହିଛି । ସେଥିପାଇଁ ହାଇ ବ୍ଲଡ ସୁଗାରକୁ ନିୟନ୍ତ୍ରଣରେ ରଖିବା ପାଇଁ କଳାଜିରା ଖାଇବାକୁ ପରାମର୍ଶ ଦିଆଯାଏ । ଡାଇବେଟିସ୍, ହାଇବ୍ଲଡସୁଗର ପୀଡିତ ଲୋକମାନଙ୍କ ପାଇଁ କଳାଜିରା ମହତ୍ତ୍ୱପୂର୍ଣ୍ଣ ଅଟେ । ସେଥିପାଇଁ ଡାଇବେଟିସ୍ ରୋଗୀମାନେ ତାଙ୍କ ଖାଦ୍ୟରେ କଳାଜିରାକୁ ସାମିଲ କରିବା ଉଚିତ୍ । କଳାଜିରା ଏକ ପ୍ରକାରର ମସଲା । ତରକାରୀରେ ଫୁଟାଇବା ପାଇଁ କଳାଜିରାର ଆବଶ୍ୟକତା ରହିଛି । ଏହା ବ୍ୟତୀତ ମଠରୀ, ପରଟା ଓ ଆଚାର ତିଆରି କରିବା ପାଇଁ କଳାଜିରାକୁ ମୁଖ୍ୟ ମିଶ୍ରଣ ବୋଲି ଧରାଯାଏ । ଏହା ଖାଦ୍ୟରେ ଫ୍ଲେଭର ଦେବା ସହିତ ଭୋଜନକୁ ସ୍ୱାଦିଷ୍ଟ ମଧ କରେ ।



ହାଇ ବ୍ଲଡ ସୁଗାର ସ୍ତରକୁ ନିୟନ୍ତ୍ରଣ କରିବା ପାଇଁ କଳାଜିରାକୁ ଖାଲି ପେଟରେ ଖାଇଲେ ଏହା ନିୟନ୍ତ୍ରଣରେ ରଖେ ।

ସେହିପରି ରାତିରେ ୨ ଚାମଚ କଳାଜିରା ଏକ ଗ୍ଲାସ ପାଣିରେ ଭିଜାଇ ରଖନ୍ତୁ । ସକାଳୁ ଖାଲି ପେଟରେ ଏହି ପାଣିକୁ ପିଅନ୍ତୁ ।

## ଧନିଆର ଉପକାରିତା

**ଧ**ନିଆକୁ ଭାରତୀୟ ବ୍ୟଞ୍ଜନରେ ମସଲା ରୂପରେ ବ୍ୟବହାର କରାଯାଇଥାଏ । ଏଥି ସହିତ ଏହାର ପତ୍ରକୁ ତରକାରିକୁ ସୁଗନ୍ଧ ଓ ସ୍ୱାଦିଷ୍ଟ କରିବା ପାଇଁ ମଧ ଉପଯୋଗ କରାଯାଇଥାଏ । ଧନିଆପତ୍ରର ବହୁ ଉପଯୋଗ ରହିଛି । ଧନିଆ ପତ୍ର ସହିତ ତେନ୍ତୁଳି ମିଶାଇ ସ୍ୱାଦିଷ୍ଟ ଚଟଣୀ କରାଯାଇଥାଏ । ଏହାର ପତ୍ରକୁ କେବଳ ଚଟଣୀ ନୁହେଁ ଆହୁରି ମଧ ସାଲାଡ୍, ତରକାରୀ, ଦହି ବାଇଗଣରେ ମିଶ୍ରଣ କଲେ ଏହାର ସ୍ୱାଦ ଦ୍ୱିଗୁଣିତ ହୋଇଥାଏ ।

ଧନିଆ ମଞ୍ଜିକୁ ପାନ ମସଲା ରୂପରେ ଉପଯୋଗ କରାଯାଏ । ଏଥି ସହିତ ଧନିଆପତ୍ର ସ୍ୱାସ୍ଥ୍ୟ ପାଇଁ ବହୁ ଉପଯୋଗୀ । ଧନିଆ ପାଚନ ଯନ୍ତ୍ରକୁ ମଜବୁତ କରିଥାଏ । ପ୍ରତିଦିନ ଖାଦ୍ୟ ଖାଇ ସାରିବା ପରେ ଭଜା ଧନିଆ ଖାଇବା ଫଳରେ ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ । ଗ୍ୟାସ୍ ଦୋଷ ଦୂର ହୋଇଥାଏ । ଏହାକୁ କ୍ଷୁଧା ବାଧକ ରୂପେ ବ୍ୟବହାର କରାଯାଏ, ପେଟର ବିକୃତି ବାୟୁ ଆଦି ଦୂର କରେ ।

ଆକସ୍ମିକ ମାଂସପେଶୀ ସଂକୋଚନ ମୂର୍ଚ୍ଛା ଆଦିରେ ଏହା ଗୁଣକାରୀ ।

ପାକସ୍ଥଳୀର କ୍ଷମତା ବଢ଼ାଏ । ଦରଦ ହେଉଥିବା ଗଣ୍ଠିରେ ଧନିଆକୁ ବାଟି ଲଗାଇଲେ ଏହା ବ୍ୟଥା କମାଏ ।

ଔଷଧାଦିକୁ ସୁଗନ୍ଧିତ କରିବା ପାଇଁ ଧନିଆକୁ ବହୁଳ ବ୍ୟବହାର କରାଯାଇଥାଏ । ୨ ଗ୍ଲାସ୍ ପାଣିରେ ୨ ଚାମଚ ଧନିଆ ମଞ୍ଜି ପକାଇ ଭିଜାଇବାର ୪ ଘଣ୍ଟା ପରେ ଏହି ପାଣିକୁ ଆଖି ବନ୍ଦ କରି ଚେହେରାରେ ଲଗାନ୍ତୁ । ୧-୨ ମାସ ପର୍ଯ୍ୟନ୍ତ ଲଗାତର ଲଗାଇଲେ ତ୍ୱଚାର ସୁନ୍ଦରତା ବୃଦ୍ଧି ହେବା ସହିତ ମୁହଁର ସମସ୍ତ ଦାଗ ଦୂର ହୋଇଥାଏ ।



ଗରମ ଦିନରେ ଘିମିରି କମାଇବା ପାଇଁ ତ୍ୱଚାରେ ଧନିଆ ପାଣିକୁ ବ୍ୟବହାର କରିବା ଫଳରେ ତ୍ୱଚାରୁ ଝାଳ ଗନ୍ଧ ଦୂର ହେବା ସହିତ ଘିମିରି ଦୂର ହୋଇଥାଏ । ଆଘାତ ଲାଗିବା ଯୋଗୁଁ ସୃଷ୍ଟି ହୋଇଥିବା କ୍ଷତସ୍ଥାନରେ ମଧ ଧନିଆ ଓ ହଳଦୀକୁ ପେସି ଦିଅନ୍ତୁ । ଏହାକୁ ସୋରିଷ ତେଲରେ ଭାଜି ଦିଅନ୍ତୁ । ତାଉଆରୁ ଗରମ ଗରମ ନେଇ କ୍ଷତ ସ୍ଥାନରେ ପଟିବାନ୍ଧିବା ଫଳରେ କ୍ଷତ ଯନ୍ତ୍ରଣାରୁ ଉପଶମ ମିଳିବା ସହିତ ଘା' ମଧ ଅଳ୍ପଦିନ ମଧରେ ଶୁଖିଯାଇଥାଏ ।

ଖରାଦିନେ ପରିସ୍ରା ପୋଡା ହେଉଥିଲେ ମାଟି ପାତ୍ରରେ ୨-୩ ଗ୍ଲାସ୍ ପାଣିରେ ୫ ଚାମଚ ଶୁଖିଲା ଧନିଆ ଭିଜାଇ ଦିଅନ୍ତୁ । ସକାଳୁ ଏଥିରେ ମିଶ୍ରି ମିଶାଇ ପିଅନ୍ତୁ । ଏଥିରେ ପେଟ ରୋଗ ଦୂର ହେବା ସହିତ ପରିସ୍ରା ପୋଡ଼ାରୁ ଉପଶମ ହୋଇଥାଏ । ପରିସ୍ରା ଅଟକିବା ପଥୁରି ରୋଗ, ମୁଣ୍ଡ ବୁଲାଇବା ଆଦି ରୋଗରୁ ଉପଶମ ମିଳିଥାଏ । ଏହି ପାଣି ଗର୍ଭବତୀଙ୍କ ପାଇଁ ଲାଭଦାୟକ ହୋଇଥାଏ ।

## ଆପଣ ଜାଣନ୍ତି କି ?

- ୧୮୬୫ ମସିହାରେ ତରଳ ସାବୁନ ବା ଲିକ୍ୱିଡ ସୋପ ପ୍ରସ୍ତୁତ କରିଥିଲେ ଆମେରିକାର ନାଗରିକ ୱିଲିୟମ ସେଫାର୍ଡ ।
- ଇଂଲଣ୍ଡରେ ୧୭୧୨ ମସିହାରେ ସାବୁନ ଉପରେ ଲାଗିଥିବା ଟ୍ୟାକ୍ସ, ଯାହାକୁ ୧୮୩୫ ରେ ପ୍ରତ୍ୟାହାର କରାଯାଇଥିଲା ।
- ୨୦୦୨ ମସିହାରେ ବ୍ରିଟେନରେ ସାବୁନ ଯୋଗୁଁ ହୋଇଥିବା ଦୁର୍ଘଟଣାରେ ୫୯୫ ଜଣଙ୍କର ମୃତ୍ୟୁ ଘଟିଥିଲା ।
- ଆମେରିକାର ଗ୍ୟାଙ୍ଗଷ୍ଟର ତଥା ଠକ ସୋପି ସ୍ମିଥ୍ ସାବୁନ ନାମ ଅନୁସାରେ ତା'ର ନାମ ରଖିବାର କାରଣ ସେ ପ୍ରଥମେ କେବଳ ସାବୁନ ତସ୍କରୀ କରୁଥିଲା ।
- ସାରା ବିଶ୍ୱରେ ପ୍ରଥମେ ବେବିଲୋନ ସଭ୍ୟତାର ଲୋକମାନେ ସାବୁନର ଆବିଷ୍କାର କରିଥିଲେ ।
- ଏହାର ବ୍ୟବହାର କରିଥିଲେ ଖ୍ରୀଷ୍ଟପୂର୍ବ ୨୮୦୦ ସମୟରୁ ।
- ୧୭୬୪ ରେ ଭାରତର ବମ୍ବେଠାରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ପ୍ରଥମ ଥର ଡାକଘର ପ୍ରତିଷ୍ଠା ହୋଇଥିଲା ।
- ୧ ଅକ୍ଟୋବର, ୧୮୫୪ ରେ ସର୍ବଭାରତୀୟ ସ୍ତରରେ ପ୍ରଥମ ଥର ପାଇଁ ଡାକ ଟିକଟ ଜାରି କରାଯାଇଥିଲା । ସ୍ୱାଧୀନ ଭାରତରେ ପ୍ରଥମେ ୨୧ ନଭେମ୍ବର, ୧୯୪୭ ରେ ଡାକ ଟିକଟ ଜାରି କରାଗଲା ।
- ୧୫ ଅଗଷ୍ଟ,, ୧୯୭୨ ରେ ପୋଷ୍ଟଲରେ ପିନକୋଡ ଓ ୧୮୮୦ ରେ ପ୍ରଥମେ ମନିଅର୍ଡର ବ୍ୟବସ୍ଥା ଆରମ୍ଭ ହୋଇଥିଲା ।

## ସୁସ୍ଥ ରଖିବ ସଜନା ଶାଗ

**ଶା**ଗ ପ୍ରତ୍ୟେକ ମଣିଷ ପାଇଁ ଅମୃତ ପରି ।ସଜନା ଶାଗ ହାଡ଼କୁ ମଜବୁତ୍ କରିବା, ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଯୌନ କ୍ଷମତାକୁ ମଧ ବଢ଼ାଇଥାଏ ।ସଜନା ଗଛ ପ୍ରାୟ ସମସ୍ତଙ୍କ ବାଡିରେ ଦେଖିବାକୁ ମିଳିଥାଏ ।ସଜନା ଶାଗରେ ଭରି ରହିଛି ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ । ଏହାକୁ ଖାଇବା ଦ୍ୱାରା ବିଭିନ୍ନ ପ୍ରକାର ତ୍ୱଚା ରୋଗରୁ ମୁକ୍ତି ମିଳେ । ସଜନାଶାଗ ସୁପ୍ ପିଇଲେ ରକ୍ତ ପରିଷ୍କାର ହେବା ସହ ତ୍ୱଚା ଚିକ୍କଣ ଦେଖାଯାଏ । ମହିଳାଙ୍କ ଋତୁଚକ୍ରରେ ଅନିୟମିତତା ଦେଖାଦେଲେ ସଜନା ଶାଗ ଖାଇବା ଉଚିତ । ସଜନା ଶାଗ ଖାଇବା ଦ୍ୱାରା ପିରିୟଡ୍ ସମୟରେ ହେଉଥିବା ପେଟ ଯନ୍ତ୍ରଣା କମ୍ ହୋଇଥାଏ । ଏହା ଗର୍ଭାଶୟକୁ ସୁସ୍ଥ ରଖିବା ସହ ଯୌନ ଜୀବନରେ ଉନ୍ମାଦନା ଭରିଦିଏ ।

ମହିଳାମାନେ ଗର୍ଭାବସ୍ଥାରେ ସଜନା ଶାଗ ଖାଇଲେ ଶିଶୁ ଜନ୍ମ ହେବା ବେଳେ ଦେଖା ଦେଉଥିବା ସମସ୍ତ ସମସ୍ୟାରୁ



ମୁକ୍ତି ମିଳିଥାଏ । ସେହିପରି ଥଣ୍ଡା, କାଶ ଓ କଫ ସଜନା ଖାଇବା ଦ୍ୱାରା ଦୂର ହୁଏ । ଥଣ୍ଡା ହୋଇଥିଲେ ସଜନା ଶାଗ ସୁପ୍ ପିଅନ୍ତୁ । ଏଥିରୁ ଶରୀରକୁ ଭିଟାମିନ୍ ସି, ଭିଟା କ୍ୟାରୋଟିନ୍ , ପ୍ରୋଟିନ ଓ ବିଭିନ୍ନ ପ୍ରକାର ଲବଣ ରହିଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଥଣ୍ଡା ହୋଇଥିଲେ ସଜନା ଶାଗକୁ ପାଣିରେ ସିଝାଇ ଏହାର ବାମ୍ଫ ନେଲେ ନାକ ଖୋଲିବା ସହ ମୁଣ୍ଡ ବିନ୍ଧା ଦୂର ହୁଏ । ଆସ୍ଥମା ରୋଗୀ ପାଇଁ ସଜନା ସୁପ୍ ଖୁବ୍ ଭଲ । ସଜନା ଶାଗ ଖାଇଲେ ପାଚନ ଶକ୍ତି ବଢ଼ିଥାଏ ।

## ଓଜନ କମାଇବ ଅଦା

**ଦୈ**ନନ୍ଦିନ ଜୀବନଶୈଳୀରେ ୧ କପ୍ ଅଦା ମିଶ୍ରିତ ପାଣି ବା ଚାକୁ ସାମିଲ କରନ୍ତୁ, କାରଣ ଓଜନ ହ୍ରାସ ମାମଲାରେ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଗବେଷକମାନେ କହିଛନ୍ତି । କଡ଼ା ସ୍ୱାଦଯୁକ୍ତ ଅଦା ଭାରତୀୟଙ୍କ ରୋଷେଇ ଶାଳର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଭାବେ ପରିଚିତ ।



ଥଣ୍ଡାରୁ ଆରମ୍ଭ କରି ବଦହଜମି ଆଦି ଚିକିତ୍ସାରେ ଏହାକୁ ଔଷଧ ଭାବେ ବ୍ୟବହାର କରାଯାଏ । ଏକାଧିକ ସ୍ୱାସ୍ଥ୍ୟ ହିତକର ଗୁଣରେ ଏହା ପରିପୂର୍ଣ୍ଣ । ମସଲାରେ ବ୍ୟବହୃତ ଏହି ଚମତ୍କାରୀ ଉତ୍ପାଦ ଅତିରିକ୍ତ ଓଜନ ହ୍ରାସ କରିବାରେ ସକ୍ଷମ । ଅଦାରେ ଥିବା ଦୁଇ ଯୌଗିକ ଶୋଗାଓଲସ ଓ ଜିଞ୍ଜରୋଲ୍ସ ଜୈବିକ କାର୍ଯ୍ୟକଳାପକୁ ଉତ୍ତେଜିତ କରେ । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ତତ୍ତ୍ୱ ପ୍ରଦାହଠୁ ଦୁରରେ ରଖେ । ନିକଟରେ ଏକ ଅଧୟନ ପୁରୁଷଙ୍କ କ୍ଷୁଧା ଓ ପୃଥୁଳତା ଆଶଙ୍କା ହ୍ରାସ କ୍ଷେତ୍ରରେ ଅଦାରେ ପ୍ରସ୍ତୁତ ଗରମ ପାନୀୟର ପ୍ରଭାବ ସମ୍ପର୍କରେ ଆକଳନ କରିଛି । ଅଧୟନ ଅନୁସାରେ ଅଦା ଖାଇବା ଦ୍ୱାରା କ୍ଷୁଧା ଲାଳସା ହ୍ରାସପାଏ । ତେଣୁ ଓଜନ ନିୟନ୍ତ୍ରଣରେ ରଖିବା ଦିଗରେ ଏହା ପ୍ରଭାବଶାଳୀ ଭୂମିକା ନିର୍ବାହ କରେ । ରକ୍ତ ଶର୍କରା ସ୍ତରକୁ ମଧ ନିୟନ୍ତ୍ରଣରେ ରଖେ । ଓଜନରେ ସନ୍ତୁଳନ ରକ୍ଷା କରିବାକୁ ହେଲେ ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିବା ଜରୁରି । ତେଣୁ ସକାଳେ ଖାଲି ପେଟରେ ଅଦାଯୁକ୍ତ ପାନୀୟ ପିଇବା ଦ୍ୱାରା ହଜମ ପ୍ରକ୍ରିୟା ଠିକ୍ ରହେ ।

## ବହୁ ଗୁଣକାରୀ ଦୁବ

**ଦୁ**ବ ଏକ ପ୍ରକାର ଘାସ ହେଲେବି, ଆମ ପରମ୍ପରା ସହ ଜଡିତ । ସମସ୍ତ ମାଙ୍ଗଳିକ କାର୍ଯ୍ୟ ତଥା ବିବାହ ବ୍ରତ ପୂଜା ଅର୍ଚ୍ଚନାରେ ଦରକାର ପଡେ । ପୌରାଣିକ ମତରେ ଭଗବାନ ବିଷ୍ଣୁ ଦୁବ ମଧରେ ଥାନ୍ତି ବୋଲି ବିଶ୍ୱାସ ରହିଛି । ତେବେ ଜାଣନ୍ତି କି, ଦୁବର ରୋଗ ଉପଶମକାରୀ ଶକ୍ତି ଢ଼େର ବେଶି । ବିଶେଷତଃ ମହିଳାମାନଙ୍କ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ।



ଗର୍ଭନିରୋଧ: ଦୁବ ରସ ସହିତ ଦହି ମିଶାଇ ଦୈନିକ କିଛି ଦିନ ସେବନ କଲେ ଗର୍ଭଧାରଣ ପ୍ରତିରୋଧ କରିହୁଏ ।

**ପାଇରିଆ :** ଦୈନିକ ଦୁବ ରସ ସେବନ କରିବା ସହିତ କୁଳି କଲେ ଦାନ୍ତ ମୂଳରୁ ରକ୍ତ ପଡିବା ବନ୍ଦ ହେବା ସହ ଦୁର୍ଗନ୍ଧ ବାହାରିବା ବନ୍ଦ ହୁଏ ।

ପିଲାଙ୍କ ତରଳ ଝାଡା: ଦୁବ ରସରେ ମହୁ ମିଶାଇ ପିଇବାକୁ ଦେଲେ ଏହି ରୋଗ ଭଲ ହୁଏ ।

**ଚର୍ମ ରୋଗ :** ଦୁବ ରସ ସହିତ ରାଶି ତେଲ ମିଶାଇ ତାକୁ ସିଦ୍ଧ କରି କିମ୍ବା ନଡ଼ିଆ ତେଲ ମିଶାଇ ଦେହରେ ଲଗାଇଲେ କାଛୁ କୁଣ୍ଡିଆରୁ ଶରୀର ମୁକ୍ତ ହୋଇଥାଏ ।

**ନାକରକ୍ତ ଝାଡ଼ା :** ଦୁବ ରସ ସହିତ ଘୋଳ ଦହି ମିଶାଇ ପିଇଲେ ନାଳରକ୍ତ ଝାଡ଼ା ଭଲ ହୁଏ । ଏକ ଚାମଚ ଦୁବ ରସ ସହିତ ଏକ ଚାମଚ ମହୁ କିମ୍ବା ଚିନି ମିଶାଇ ଦୈନିକ ତିନିଥର ସେବନ କଲେ ଏହି ସମସ୍ୟା ଦୂର ହୁଏ ।

**ବନ୍ଧ୍ୟାକରଣ :** ଋତୁସ୍ରାବର ୪ର୍ଥ ଦିନଠାରୁ ପାଞ୍ଚକେରା ଶ୍ୱେତଦୁବ ସହିତ ତିନୋଟି ଗୋଲମରିଚ ବାଟି ସେବନ କଲେ ବନ୍ଧ୍ୟାକରଣ ଦୁର ହେଉଥିବା ଆୟୁର୍ବେଦ ଚିକିତ୍ସା ବିଜ୍ଞାନ କହେ ।

**ପରିସ୍ରା ପୋଡ଼ା :** ଦୁବ ଚେରରୁ କ୍ୱାଥ ପ୍ରସ୍ତୁତ କରି ୧୪ ରୁ ୨୮ ମି.ଲି ମାତ୍ରାରେ ଦିନକୁ ୨ ଥର ସେବନ କଲେ ଉପକାର ମିଳେ ।

## କହିପାରିବେ କି ?

(୧) କେଉଁ ବର୍ଷ ଭାରତୀୟ ସେନାବାହିନୀ ପ୍ରତିଷ୍ଠା ହୋଇଥିଲା ?
(୨) ଭାରତୀୟ ସେନାର ପୂର୍ବତଟ କମାଣ୍ଡର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ?
(୩) ଭାରତୀୟ ସେନାର ପ୍ରଶିକ୍ଷଣ କମାଣ୍ଡର ମୁଖ୍ୟାଳୟ କେଉଁଠାରେ ରହିଛି ?
(୪) ଭାରତୀୟ ସେନାର ସବୁଠାରୁ ଛୋଟ ୟୁନିଟ୍‌କୁ କ'ଣ କୁହାଯାଏ ?
(୫) ବର୍ତ୍ତମାନ ଭାରତୀୟ ଆର୍ମିର ମୁଖ୍ୟ କିଏ ?
(୬) ଇସ୍ରୋ କେଉଁ ମସିହାରେ ପ୍ରତିଷ୍ଠା ହୋଇଥିଲା ?
(୭) ଇସ୍ରୋର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ?
(୮) ଇସ୍ରୋରୁ ଏ ପର୍ଯ୍ୟନ୍ତ କେତୋଟି ସାଟେଲାଇଟ୍ ଲଞ୍ଚ ହୋଇ ସାରିଲାଣି ?
(୯) ଭାରତର ପ୍ରଥମ ସାଟେଲାଇଟ୍ ନାମ କ'ଣ ?
(୧୦) GSLV ର ପୂରାନାମ କ'ଣ ?

### JUMBLE WORDS

| | | | |
|---|---|---|---|
| 1) ODWLU | = | 6) RNOST | = |
| 2) NUBTL | = | 7) TINKET | = |
| 3) PECIAE | = | 8) QEULSE | = |
| 4) ITOEMV | = | 9) ASCEE | = |
| 5) ORHAD | = | 10) TVEEN | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ଚର୍ମ, ୨. ଥର୍ମୋସେଟିଙ୍ଗ ପ୍ଲାଷ୍ଟିକ, ୩. ନଷ୍ଟ୍ରିଲ ବା ନାକପୁଡା, ୪.ସୋଡିୟମ ବାଇକାର୍ବୋନେଟ୍, ୫.ନୀଳନଦୀ, ୬.କାସ୍ପିଆନ୍ ସାଗର, ୭.ଚୀନର ଜିନ୍‌ପିଙ୍ଗ ଡ୍ୟାମ୍, ୮.ଗ୍ରାଣ୍ଡ ଟ୍ରଙ୍କ୍ ରୋଡ଼, ୯.ଗୁଜୁରାଟ, ୧୦. ଜାତୀୟ ରାଜପଥ-୭ (ବନାରସରୁ କନ୍ୟାକୁମାରୀ ଯାଏ, ୨,୩୬୯ କି.ମି

***Jumble Words*** ର ଉତ୍ତର :-

(1) PIRACY (2) UNSAID (3) LOFTY (4) BURRO (5) DEBTOR (6) AMOEBA (7) GIZMO (8) SOAPY (9) MOSTLY (10) INFLUX

# ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟରେ ୧୭ ରାଜ୍ୟ ମଧ୍ୟରେ ଓଡ଼ିଶା ଷଷ୍ଠ ସ୍ଥାନରେ

ଭୁବନେଶ୍ୱର : ୨୦୨୩-୨୪ରେ ଓଡ଼ିଶାର ଅର୍ଥନୀତି ୮.୫ ପ୍ରତିଶତ ଅଭିବୃଦ୍ଧି ହାସଲ କରିବ । ୨୦୨୨-୨୩ରେ ଏହା ୭.୯ ପ୍ରତିଶତ ଥିଲା । ଶିଳ୍ପ ଏବଂ ସେବା କ୍ଷେତ୍ରରେ ଉଚ୍ଚ ଅଭିବୃଦ୍ଧି ଯୋଗୁଁ ଏହା ସମ୍ଭବ ହୋଇଛି । ୨୪ ବର୍ଷର ବ୍ୟବଧାନ ପରେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ଗଠିତ ବିଜେପି ସରକାରଙ୍କ ପକ୍ଷରୁ ପ୍ରକାଶିତ ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏହା କୁହାଯାଇଛି । ଅର୍ଥନୀତି ଆଗକୁ ବଢ଼ିବା ଫଳରେ ରାଜ୍ୟବାସୀଙ୍କ ମୁଣ୍ଡପିଛା ଆୟ ବଢ଼ି ୨୦୨୩-୨୪ରେ ୧,୬୧,୪୩୭ ଟଙ୍କାରେ ପହଞ୍ଚିଛି । ତେବେ ଦେଶର ମୁଣ୍ଡପିଛା ଆୟ ୧,୮୪,୨୦୫ ଟଙ୍କା ରହିଛି । ତେଣୁ ଜାତୀୟ ସ୍ତର ତୁଳନାରେ ରାଜ୍ୟରେ ମୁଣ୍ଡପିଛା ଆୟ ୧୨.୪ ପ୍ରତିଶତ କମ୍ ରହିଛି । ୨୦୧୫-୧୬ ପରଠାରୁ ଓଡ଼ିଶାର ମୁଣ୍ଡପିଛା ଆୟ ବାର୍ଷିକ ୧୨.୧ ପ୍ରତିଶତ ହାରରେ ବୃଦ୍ଧି ପାଇଛି । ୧୭ଟି ପ୍ରମୁଖ ରାଜ୍ୟ ତାଲିକାରେ ଓଡ଼ିଶା ୨୦୨୨-୨୩ରେ ଏକାଦଶ ସ୍ଥାନରେ ରହିଛି । ନାଗରିକଙ୍କ ମୁଣ୍ଡପିଛା ଆୟ ବୃଦ୍ଧି ଏବଂ ବିକଶିତ ଭାରତର ଲକ୍ଷ୍ୟ ସାଧନ ପାଇଁ ଉଲ୍ଲେଖନୀୟ ଯୋଗଦାନ ନିମନ୍ତେ ରାଜ୍ୟ ଏହାର ବିକାଶମୂଳକ ଏବଂ ଅଭିବୃଦ୍ଧି ପ୍ରୟାସକୁ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି ।

ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ମଧ ଓଡ଼ିଶା ସଫଳତା ହାସଲ କରିଛି । ନିତି ଆୟୋଗ ଅନୁଯାୟୀ ବହୁମୁଖୀ ଦାରିଦ୍ର୍ୟ ଅନୁପାତ ୨୦୧୫-୧୬ରେ ୨୯.୩ ପ୍ରତିଶତ ଥିବାବେଳେ ୨୦୧୯-୨୧ରେ ୧୫.୭ ପ୍ରତିଶତକୁ ହ୍ରାସ ପାଇଛି । ୨୦୧୫-୧୬ରୁ ୨୦୧୯-୨୧ ମଧରେ ରାଜ୍ୟରେ ୬୨ ଲକ୍ଷରୁ ଅଧିକ ଲୋକ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ ହୋଇଛି । ଏହାସତ୍ତ୍ୱେ ବହୁବିଧ ଦାରିଦ୍ର୍ୟ ମୁଣ୍ଡ ଗଣତି ଅନୁସାରେ ପ୍ରମୁଖ ୧୭ଟି ରାଜ୍ୟ ମଧରେ ଓଡ଼ିଶା ଷଷ୍ଠ ସ୍ଥାନରେ ରହିଛି । ରାଜ୍ୟର ଲୋକଙ୍କୁ ଦାରିଦ୍ର୍ୟ କବଳରୁ ମୁକ୍ତ କରିବା ପାଇଁ ନିରନ୍ତର ପ୍ରଚେଷ୍ଟା ଆବଶ୍ୟକ ବୋଲି ସରକାର ରିପୋର୍ଟରେ ଦର୍ଶାଇଛନ୍ତି । ୨୦୨୩ -୨୪ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଅଭିବୃଦ୍ଧି ୩.୫ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି । ୨୦୨୩-୨୪ରେ ମୋଟ ରାଜ୍ୟ ସଂଯୋଗିତ ମୂଲ୍ୟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଅବଦାନ ୨୦.୪ ପ୍ରତିଶତ ରହିଛି । ଅଧିକରୁ ଅଧିକ ଧାନ ଜମିକୁ ଅଣଧାନ ଫସଲ ଅଧୀନକୁ ଆଣିବା ଏବଂ କୃଷକଙ୍କ ଆୟ ବୃଦ୍ଧି କରିବାର ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ କୁହାଯାଇଛି । ସେହିଭଳି ୨୦୨୩-୨୪ରେ ଓଡ଼ିଶାରେ ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ୮.୭ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି । ୨୦୨୩-୨୪ରେ ରାଜ୍ୟର ଜିଏସ୍ଏ (ମୋଟ ରାଜ୍ୟ ମୂଲ୍ୟ ଯୋଗ) ରେ ଶିଳ୍ପ କ୍ଷେତ୍ରର ଅବଦାନ ୪୩.୨ ପ୍ରତିଶତ ରହିଛି । ଓଡ଼ିଶାର ଶିଳ୍ପ ମୁଖ୍ୟତଃ ମୌଳିକ ଧାତୁ ଓ ଖଣିଜ ଭିତ୍ତିକ ଶିଳ୍ପ ଉପରେ ନିର୍ଭରଶୀଳ । ଏହାକୁ ଅନ୍ୟାନ୍ୟ କ୍ଷେତ୍ରକୁ ବିକେନ୍ଦ୍ରୀକରଣ କରିବାର ଆବଶ୍ୟକତା ରହିଛି । ସେହିଭଳି ୨୦୨୩-୨୪ରେ ସେବା କ୍ଷେତ୍ରର ଅଭିବୃଦ୍ଧି ୯.୨ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି । ରାଜ୍ୟ ଅର୍ଥନୀତିରେ ସେବା କ୍ଷେତ୍ରର ଯୋଗଦାନ ୩୬ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି । ରାଜ୍ୟର ମୋଟ ନିଯୁକ୍ତିରେ ଏହି କ୍ଷେତ୍ରର ଅଂଶ ୨୬ ପ୍ରତିଶତ ରହିଛି ।

ରାଜ୍ୟରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ଶ୍ରମଶକ୍ତି ଅଂଶଗ୍ରହଣ ହାର ୨୦୧୮-୧୯ରେ ୫୧.୨ ପ୍ରତିଶତ ଥିଲା । ୨୦୨୨-୨୩ରେ ଏହା ୬୧.୩ ପ୍ରତିଶତକୁ ବୃଦ୍ଧି ପାଇଛି । ରାଜ୍ୟରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାର ୨୦୧୮-୧୯ରେ ୨୪.୪ ପ୍ରତିଶତ ଥିବା ସମୟରେ ୨୦୨୨-୨୩ରେ ଏହା ଉଲ୍ଲେଖନୀୟ ଭାବେ ୪୪.୭ ପ୍ରତଶିତକୁ ବୃଦ୍ଧି ପାଇଛି । କିନ୍ତୁ ଚିନ୍ତାର ବିଷୟ ହେଲା ଅଧିକାଂଶ ନିଯୁକ୍ତି କୃଷି ଓ ନିର୍ମାଣ କ୍ଷେତ୍ରରେ ରହିଛି । ଅଧିକ ଉଚ୍ଚ ବେତନଯୁକ୍ତ ଗୁଣାତ୍ମକ ନିଯୁକ୍ତି ସୃଷ୍ଟି ଉପରେ ସର୍ଭେରେ ଗୁରୁତ୍ୱାରୋପ କରାଯାଇଛି ।

୨୦୨୩-୨୪ରେ ରାଜ୍ୟ ପୁଞ୍ଜିବ୍ୟୟ ବରାଦରେ ପାଖାପାଖି ୫୧,୬୮୩ କୋଟି ଟଙ୍କା ଆବଣ୍ଟନ କରିଛି, ଯାହା ଜିଏସ୍ଡିପି (ରାଜ୍ୟ ମୋଟ ଘରୋଇ ଉତ୍ପାଦ)ର ପ୍ରାୟ ୬.୨% ଏବଂ ପୂର୍ବ ବର୍ଷ ତୁଳନାରେ ୩୪.୯ ପ୍ରତିଶତ ଅଧିକ । ଭିତ୍ତିଭୂମି ଅଭାବକୁ ଦୃଷ୍ଟିରେ ରଖି ଆଗାମୀ ବର୍ଷମାନଙ୍କରେ ପୁଞ୍ଜିବ୍ୟୟ ବୃଦ୍ଧି କରାଯିବାର ଆବଶ୍ୟକତା ରହିଛି ।

୨୦୧୯-୨୦ରେ ଓଡ଼ିଶାର ବିତ୍ତୀୟ ନିଅଣ୍ଟ ଓ ଜିଏସ୍ପି ଅନୁପାତ ୩.୫ ପ୍ରତିଶତ ରହିଥିଲା । ୨୦୨୩-୨୪ ବଜେଟ୍ ଆକଳନରେ ଏହା ୩.୧ ପ୍ରତିଶତକୁ ଖସି ଆସିଛି । ୨୦୨୨-୨୩ ସଂଶୋଧିତ ଆକଳନ ଏବଂ ୨୦୨୩-୨୪ ବଜେଟ୍ ଆକଳନରେ ଋଣ ଅନୁପାତ ଯଥାକ୍ରମେ ୧୨.୯ ପ୍ରତିଶତ ଓ ୧୩.୬ ପ୍ରତିଶତ ରହିଛି, ଯାହା ପଞ୍ଚଦଶ ଅର୍ଥ ଆୟୋଗ ଏବଂ ଓଡ଼ିଶା ଏଫ୍ଆର୍ବିଏମ୍ ଆଇନ, ୨୦୦୫ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୨୫ ପ୍ରତିଶତ ସୀମାଠାରୁ କମ୍ । ୨୦୨୧-୨୨ରେ ଓଡ଼ିଶାରେ ଖାଦ୍ୟଶସ୍ୟ ଉତ୍ପାଦନ ୧୧୩.୮ ଲକ୍ଷ ଟନ୍ ଥିବାବେଳେ ୨୦୨୨-୨୩ରେ ଏହା ୨୪,୨ ପ୍ରତିଶତ ବୃଦ୍ଧି ପାଇ ରେକର୍ଡ ୧୪୧,୪ ଲକ୍ଷ ଟନରେ ପହଞ୍ଚିଛି । ୨୦୨୧-୨୨ରେ ଭାରତର ମୋଟ ଧାନ ଉତ୍ପାଦନରେ ଓଡ଼ିଶା ୭ ପ୍ରତିଶତ ଯୋଗଦାନ ସହ ଦେଶର ପଞ୍ଚମ ବୃହତ୍ ଧାନ ଉତ୍ପାଦନକାରୀ ରାଜ୍ୟ ହୋଇଛି । କିନ୍ତୁ ଚିନ୍ତାର ବିଷୟ ହେଲା ଓଡ଼ିଶାରେ ଧାନ ଅମଳ ସର୍ବଭାରତୀୟ ସ୍ତର ତୁଳନାରେ ୧୯ ପ୍ରତିଶତ ଏବଂ ଡାଲି ଅମଳ କ୍ଷେତ୍ରରେ ୬୧ ପ୍ରତିଶତ କମ୍ ରହିଛି ।

# ରାୟଗଡ଼ା ରେଳ ଡିଭିଜନ ପାଇଁ ୭୦ କୋଟି ଟଙ୍କା ମଞ୍ଜୁରୀ

ଭୁବନେଶ୍ୱର: ଘୋଷଣାର ୫ ବର୍ଷ ପରେ ରାୟଗଡ଼ା ରେଳ ଡିଭିଜନ୍ ପାଇଁ ରେଳବାଇ ୭୦ କୋଟି ଟଙ୍କା ମଞ୍ଜୁର କରିଛି । ଏହି ପ୍ରକଳ୍ପ ପାଇଁ ଡିଜାଇନ୍ ଓ ଯୋଜନା ପ୍ରସ୍ତୁତ କରାଯାଉଛି । ଏହା ସମାପ୍ତ ହେବା ପରେ ପରବର୍ତ୍ତି କାର୍ଯ୍ୟ ଆରମ୍ଭ ହେବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି । ଚଳିତ ରେଳ ବଜେଟରେ ରାୟଗଡ଼ାରେ ରେଳ ଡିଭିଜନ କାର୍ଯ୍ୟକ୍ଷମ ନେଇ କୌଣସି ଅନୁଦାନ ମିଳି ନ ଥିଲା । ଏ ସଂକ୍ରାନ୍ତରେ ନବରଙ୍ଗପୁର ଏମପି ବଳଭଦ୍ର ମାଝି ରେଳମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ପରେ ରାୟଗଡ଼ା ରେଳ ଡିଭିଜନ ନିର୍ମାଣ ପାଇଁ ଅନୁଦାନ ଘୋଷଣା କରାଯାଇଛି ।

୨୦୧୯ ମସିହାରେ ରାୟଗଡ଼ା ଡିଭିଜନ୍ ପ୍ରତିଷ୍ଠା ନେଇ ଘୋଷଣା କରାଯିବା ପରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଆନନ୍ଦ ପ୍ରକାଶ ପାଇଥିଲା । ନୂଆ ଡିଭିଜନ୍ ପ୍ରତିଷ୍ଠା ହେବା ଦ୍ୱାରା ନା କେବଳ ରେଳବାଇରେ ବିକାଶ ଆସିବ ବରଂ ପାର୍ଶ୍ୱବର୍ତ୍ତୀ ଜିଲ୍ଲାରେ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ ବୋଲି ଆଶା ରହିଥିଲା । କିନ୍ତୁ ଆରମ୍ଭରୁ ଏହି ଡିଭିଜନ୍ ପ୍ରତିଷ୍ଠା କାମ ବହୁ ଧୀମା ଗତିରେ ଚାଲୁଥିବାରୁ ଅସନ୍ତୋଷ ଦେଖା ଦେଇଥିଲା । ୱାଲଟିୟର ଡିଭିଜନ ଅଧୀନରେ ଥିବା ଓଡ଼ିଶାର ରେଳ ଷ୍ଟେସନ୍ ଗୁଡିକ ରାୟଗଡ଼ା ଡିଭିଜନକୁ ଆସିବାର ଥିଲା । ଗଜପତି, ରାୟଗଡ଼ା ଓ କୋରାପୁଟର ରେଳ ଷ୍ଟେସନ୍ ଗୁଡିକୁ ମିଶାଇ ପ୍ରାୟ ୮୪ଟି ଷ୍ଟେସନ୍ ଏହା ଅଧିନକୁ ଆସିବା ପାଇଁ ନିଷ୍ପତ୍ତି ହୋଇଛି । ଏହା ବିଶାଖାପାଟଣା ମୁଖ୍ୟାଳୟ ଥିବା ଦକ୍ଷିଣ ତଟ ରେଳପଥ ଅଧିନରେ ରହିବ । ପ୍ରାୟ ୫୫୦ କିମି ରେଳପଥ ଏହି ଡିଭିଜନ୍‌ରେ ଅନ୍ତର୍ଭୁକ୍ତ ହେବ । ଏଥିପାଇଁ ୩୭୬ ଏକର ଜମି ଆବଶ୍ୟକ ଥିବା ବେଳେ ସେଥିରୁ ପ୍ରାୟ ୬୦% ଜମି ଅଧିଗ୍ରହଣ ହେବା ବାକି ଅଛି । ଏହି ଡିଭିଜନ୍ କାର୍ଯ୍ୟକ୍ଷମ ହେଲେ ପ୍ରାୟ ୫ ହଜାର ରେଳ କର୍ମଚାରୀ ଏଠାରେ ନିଯୁକ୍ତି ପାଇବେ ଏବଂ ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ କାରବାର ହେବ । କିନ୍ତୁ ବିଳମ୍ବିତ କାର୍ଯ୍ୟ ପାଇଁ ବିଶେଷକରି ପାଣ୍ଠି ଅଭାବ ଯୋଗୁଁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ୫ ବର୍ଷ ହେଲା ଗଡୁଛି । ୨୦୨୦-୨୧ରେ ରାୟଗଡ଼ା ଡିଭିଜନ୍ ପାଇଁ ରେଳବାଇ ୩ କୋଟି, ୨୦୨୧-୨୨ରେ ୪୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ଏତେ ଦିନ ପରେ ରେଳବାଇ ୭୦ କୋଟି ଟଙ୍କା ଆବଣ୍ଟନ କରିବା ପରେ ଏହି ଡିଭିଜନ୍ ପୂର୍ଣ୍ଣାଙ୍ଗ ରୂପ ପାଇବା ନେଇ ଅଶା ଉଜ୍ଜୀବିତ ହୋଇଛି ।

# ବର୍ଣ୍ଣ ୟୁନିଟ୍ ଓ ମଙ୍ଗଳବଜାର ହସ୍ପିଟାଲକୁ ପୁନଃ କାର୍ଯ୍ୟକ୍ଷମ ଦାବି

ଝାରସୁଗୁଡ଼ା: ଝାରସୁଗୁଡ଼ାରେ ସ୍ୱାସ୍ଥ୍ୟସେବାକୁ ନେଇ ରହିଥିବା ସମସ୍ୟା ସମ୍ପର୍କରେ ବିଧାନସଭାରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରଶ୍ନ କରିବା ସହ ସମସ୍ୟା ଦୂର ପାଇଁ ଦାବି କରିଛନ୍ତି ।

ବିଧାନସଭାରେ ଶ୍ରୀ ତ୍ରିପାଠୀ ପ୍ରଶ୍ନକରି କହିଥିଲେ ଯେ, ଜିଲ୍ଲାରେ ଅନେକ କଳକାରଖାନା ଅଛି । ନିତିଦିନ ଅନେକ ଛୋଟବଡ଼ ଦୁର୍ଘଟଣା ଘଟୁଛି । ହେଲେ ଆଜି ପର୍ଯ୍ୟନ୍ତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଆଇସିୟୁ ଓ ବର୍ଣ୍ଣ ୟୁନିଟର ବ୍ୟବସ୍ଥା କରାଯାଇ ନାହିଁ । ଝାରସୁଗୁଡ଼ା ମଙ୍ଗଳ ବଜାର ଠାରେ ଥିବା ପୁରୁଣା ଜିଲ୍ଲା ସଦର ଡାକ୍ତରଖାନା କୋଠାରେ ନୂତନ ଡାକ୍ତରଖାନା କାର୍ଯ୍ୟକ୍ଷମ କରିବାକୁ ଦାବି କରିଛନ୍ତି । ଜିଲ୍ଲା ସଦର ଡାକ୍ତରଖାନାକୁ ଦୀର୍ଘ ୮ କି.ମି. ଦୂରକୁ ଉଠାଇ ନିଆଯିବା ପରେ ସହରବାସୀ ସ୍ୱାସ୍ଥ୍ୟସେବାକୁ ନେଇ ସମସ୍ୟା ଭୋଗୁଛନ୍ତି । ରାତ୍ରିରେ ଔଷଧ ଖୋଜିଲେ ଝାରସୁଗୁଡ଼ାରେ ମିଳୁନାହିଁ । ଯାହାଫଳରେ ସହରର ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଗତ ସରକାରଙ୍କ ଉଦାସୀନତା ଯୋଗୁଁ ମଙ୍ଗଳବଜାର ଡାକ୍ତରଖାନା ଭୂତକୋଠୀ ପଲଟିଛି । ସହର ବାସୀଙ୍କ ସମସ୍ୟାକୁ ଦେଖି ମଙ୍ଗଳବଜାର ଡାକ୍ତରଖାନାକୁ ଅର୍ବାନ ସିଏଚସି କରିବାକୁ ଘୋଷଣା କରିଥିଲେ ପୂର୍ବ ସରକାର । ମାତ୍ର ଏଯାଏଁ ତାହା କାର୍ଯ୍ୟକାରୀ ହେଲାନାହିଁ । ନୂତନ ଡାକ୍ତରଖାନା ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ବିଧାନସଭାରେ ଶ୍ରୀ ତ୍ରିପାଠୀ ଦାବି କରିଛନ୍ତି ।

# ବେଦାନ୍ତ ଓ ହିଣ୍ଡାଲକୋକୁ ଜରିମାନା... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

୧୦ ଡିସିମିଲ ଜମିରେ ପାଉଁଶ ପକାଯାଉଥିବା ନଜର ଆସିଥିଲା । ୪୦୪ ବର୍ଗ ମିଟର ଆୟତନରେ ୯୭୧ ଟନ୍ ପାଉଁଶ ବେଆଇନ ଭାବେ ପକାଯାଇଥିବା ତଦନ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏହି ମାମଲାରେ ୪୮,୫୬୨ ଟଙ୍କା ଜୋରିମାନା ପାଇଁ ସୁପାରିଶ କରାଯାଇଛି । ଏହାବ୍ୟତୀତ ପରଧୂଆପାଲି ଠାରେ ବେଆଇନ ପାଉଁଶ ପକା ଯାଉଥିବା ନେଇ ଗତ ଜୁନ୍ ୬ ତାରିଖ ପିସିବି ଆଞ୍ଚଳିକ ଅଧିକାରୀ ତଦନ୍ତ କରିଥିଲେ । ତଦନ୍ତ ବେଳେ ୩୦୦୦ ବର୍ଗ ମିଟର ଅଞ୍ଚଳରେ ୨ ମିଟର ଗଭୀର ଯାଏ ପାଉଁଶ ପ୍ରକା ଯାଇଥିବା ଦେଖିବାକୁ ପାଇଥିଲେ । ସେଠାରେ ହାରାହାରି ୭୨୦୦ ଟନ୍ ପାଉଁଶ ଡମ୍ପ ହେଉଥିବା ଜୁନ୍ ୨୬ ତାରିଖ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପ୍ରେରିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ଏଠାରେ ବେଆଇନ୍ ଡମ୍ପ ପାଇଁ ୩.୨୦ ଲକ୍ଷ ଟଙ୍କା ଜୋରିମାନା ଆଦାୟ ପାଇଁ ସୁପାରିଶ କରିଛନ୍ତି । କେବଳ ପାଉଁଶ ଡମ୍ପ ନୁହେଁ ଦିନରାତି ଅନିୟନ୍ତ୍ରିତ ଭାବେ ପାଉଁଶ ପରିବହନକୁ ନେଇ ମଧ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । ଠେଲକୁଲି ନିକଟରେ ବେଆଇନ ଭାବେ ପାଉଁଶ ଗଦା କରୁଥିବା ଅଭିଯୋଗରେ ଝାରସୁଗୁଡ଼ାର ଏସଏମସି କାରଖାନାକୁ ମଧ ୨ ଲକ୍ଷ ୪୦ ହଜାର ୩୦୦ ଟଙ୍କା ଜରିମାନା କରାଯାଇଛି ।

ସେହିପରି ସମ୍ବଲପୁର ସହର ଉପକଣ୍ଠରେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ବେଆଇନ ପାଉଁଶ ଡମ୍ପ କରୁଥିବା ଅଭିଯୋଗ ହେବା ପରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ମୋଟା ଅଙ୍କର ଅର୍ଥଦଣ୍ଡ ସୁପାରିଶ କରିଛି । ଏହି ଶିଳ୍ପସଂସ୍ଥା ବୈଜାମୁଣ୍ଡା ଜାତୀୟ ରାଜପଥ କଡ଼ରେ ପାଉଁଶ ଡମ୍ପ କରିବା ସଂକ୍ରାନ୍ତରେ ଅଭିଯୋଗ ମିଳିବା ପରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଅଧିକାରୀ ଗତ ୧୮ ତାରିଖ ନିରୀକ୍ଷଣରେ ଯାଇଥିଲେ । କମ୍ପାନୀ ୧୭୪୦ ବର୍ଗମିଟର ଅଞ୍ଚଳରେ ଅତି କମ୍‌ରେ ୫୨୨୦ ଟନ୍ ପାଉଁଶ ପକାଇଥିବା ସେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ଏହି ମାମଲାରେ ସମ୍ପୃକ୍ତ କମ୍ପାନୀକୁ ୨ଲକ୍ଷ ୬୧ ହଜାର ଟଙ୍କା ଜୋରିମାନା ସୁପାରିଶ କରାଯାଇଛି । ସେହି ଶିଳ୍ପକୁ ଅନ୍ୟ ଏକ ମାମଲାରେ ସମ୍ବଲପୁର ସିଟି ରେଳଷ୍ଟେସନ ନିକଟରେ ବେଆଇନ ପାଉଁଶ ପାକା ଯାଉଥିବା ଅଭିଯୋଗରେ ୬୦, ୭୦୫ ଟଙ୍କାର ଜୋରିମାନା ସୁପାରିଶ କରାଯାଇଛି । ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ଗତ ୨୨ ତାରିଖ ନିରୀକ୍ଷଣ କରି ଉକ୍ତ କମ୍ପାନୀ ୮୦୯ ବର୍ଗ ମିଟର ଅଞ୍ଚଳରେ ୧୨୧୪ ଟନ୍‌ରୁ ଅଧିକ ପାଉଁଶ ପକାଇଥିବା ପ୍ରଦତ୍ତ ରିପୋର୍ଟରେ ଦର୍ଶାଯାଇଛି । ଏହାଛଡ଼ା ହୀରାକୁଦ ଡିଗ୍ରୀ କଲେଜ ନିକଟରେ ଏହି କାରଖାନା ବେଆଇନ ପାଉଁଶ ପକାଇବା ଅଭିଯୋଗରେ ୧୩ ହଜାର ୬୬୦ ଟଙ୍କା ଜରିମାନା ଆଦାୟ କରିବା ପାଇଁ ସୁପାରିଶ କରାଯାଇଛି ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଇଣ୍ଡିଆ ବୁକ ଅଫ୍ ରେକର୍ଡରେ ଶାନ୍ତନୁ

ସମ୍ବଲପୁର : ସମ୍ବଲପୁରର ଜଣା ଶୁଣା ଚିତ୍ରଶିଳ୍ପୀ ତଥା ଚିତ୍ରଶାଳା ପ୍ରମୁଖ ଶାନ୍ତନୁ ଦାଶ ଇଣ୍ଡିଆ ବୁକ ଅଫ୍




ରେକର୍ଡରେ ସ୍ଥାନ ପାଇଛନ୍ତି । ଏହାର ଏଡିଟୋରିଅଲ ବୋର୍ଡ଼ ଏବଂ ଜୁରୀ ସଦସ୍ୟ ତାଙ୍କର ଥ୍ରୀ-ଡି ଗ୍ରାଫିକ କଳାକାର୍ଯ୍ୟ ତଥା ଥ୍ରୀ-ଡି କଳାକାର୍ଯ୍ୟର ଏକକ ପ୍ରଦର୍ଶନୀ ପାଇଁ ଚୟନ କରିଛନ୍ତି । ଗତ ୨୦୧୯ ମସିହା ସେପ୍ଟେମ୍ବର ମାସରେ ଆୟୋଜିତ ପ୍ରଦର୍ଶନୀରେ କଳାପ୍ରେମୀ ଏକ ଭିନ୍ନଧରଣର ନାଲି ନୀଳ ଚଷମା ପିନ୍ଧି ପ୍ରଦର୍ଶନୀକୁ ବେଶ୍ ଉପଭୋଗ କରିଥିଲେ । ପ୍ରଦର୍ଶନୀ ପରେ ଇଣ୍ଡିଆ ବୁକ ଅଫ ରେକର୍ଡ ତରଫରୁ ଶ୍ରୀ ଦାଶଙ୍କୁ ମାନପତ୍ର, ମେଡାଲ, ବ୍ୟାଚ୍, ପରିଚୟ କାର୍ଡ, ଆଟୋଗ୍ରାଫ ପେନ ସହିତ ସମ୍ମାନିତ କରାଯାଇଛି ।

# ଏମ୍‌ସିଏଲ୍‌ରେ ‘ଏକ୍ ପେଡ୍ ମାଁ କେ ନାମ୍’






ବୁର୍ଲା : ଧାନବାଦର ବିସିସିଏଲ୍‌ରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି-କିଷନ ରେଡ୍ଡୀ ଶୁଭାରମ୍ଭ କରିଥିବା ‘ଏକ୍ ପେଡ଼ ମାଁ କେ ନାମ୍’ ଅଭିଯାନରେ ଏମ୍‌ସିଏଲ୍ ସାମିଲ ହୋଇଛି । ଏମସିଏଲ୍‌ର ସଦର ମହକୁମା କାର୍ଯ୍ୟାଳୟରେ ଏହାର ସିଏମ୍‌ଡି ଉଦୟ ଅନନ୍ତ କାଓଲେ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ନିର୍ଦ୍ଦେଶକ ଜେ.କେ ବୋରା, ଏ.ଏସ୍ ବାପତ, ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରାଙ୍କ ସମେତ ଅଧିକାରୀମାନେ ବୃକ୍ଷରୋପଣ କରିଥିଲେ ।

# କାରଗିଲ ଦିବସ ଅବସରରେ ୨୫ ଘଣ୍ଟାର ଦୀପ ପ୍ରଜ୍ୱଳନ କଲା ବିଜେପି

ସମ୍ବଲପୁର : କାରଗିଲ ବିଜୟ ଦିବସର ୨୫ ବର୍ଷ ପୂର୍ତ୍ତି ଅବସରରେ ସମ୍ବଲପୁର ଜିଲ୍ଲା ବିଜେପି ପକ୍ଷରୁ ସମଲେଶ୍ୱରୀ ମନ୍ଦିରରେ ଦୀପ ଦାନ କରାଯାଇଛି । ଏହି ଅବସରରେ ୨୫ ଘଣ୍ଟା ପାଇଁ ଏକ ବଡ଼ ଦୀପ ପ୍ରଜ୍ୱଳନ କରାଯାଇଛି । ଏହା ସହ ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତା ଗୋଟେ ଦୀପ ପ୍ରଜ୍ୱଳନ କରି ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ବେହେରା, ସମୀର ରଞ୍ଜନ ବାବୁ, ଶିବ ଦିୱାନ, କାହ୍ନୁରାମ ଶର୍ମା, ଦିଲୀପ ଶର୍ମା, ଗୁରଦୀପ ଗିଲ, ଅଜିତ ବେହେରା, ଗୋପାଲ ଅଗ୍ରୱାଲ, ମାନସ ବକ୍ସି, ଶୁଭଶ୍ରୀ ମିଶ୍ର, ରୁନୁ ପ୍ରଧାନ, ଅଞ୍ଜଳି ଛୁରା, ମୁନମୁନ ସୌଦାଗର, ସୀତାକାନ୍ତ ମେସୁଆ, ସୁମି ପରିଡ଼ା, ଲକ୍ଷ୍ମୀପ୍ରିୟା ଜେନା, ପ୍ରଭାସିନୀ ଦାଶ, ମଞ୍ଜୁଲତା ଓରାମ ପ୍ରମୁଖ ସାମିଲ ଥିଲେ ।



# ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମାନ

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ପକ୍ଷରୁ ଏକ ଜାତୀୟ ସମ୍ମାନ ଅନୁଷ୍ଠିତ




ହୋଇଯାଇଛି । ଏଥିରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ପି.ସି ଯୋଶୀ, ପୁଣେର ସାବିତ୍ରୀ ଫୁଲେ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଜ୍ୱଳୀ କୁରାନେ, ପଶ୍ଚିମବଙ୍ଗ ବିଦ୍ୟୁତ ବୋର୍ଡ ଅଧକ୍ଷ ଡକ୍ଟର ଏମ୍.ଭି ରାଓ, ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ ପ୍ରଫେସର ନୀଳକଣ୍ଠ ପାଣିଗ୍ରାହୀ ଏବଂ କଳିଙ୍ଗ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସୋସିଏଲ୍ ସାଇନ୍ସର କୁଳପତି ପ୍ରଫେସର ଦୀପକ କୁମାର ବେହେରା ଅଂଶଗ୍ରହଣ କରିଥିଲେ । ଜିଏମ୍‌ୟୁ ଉପ କୁଳସଚିବ ଡକ୍ଟର ଉମାଚରଣ ପତି ବିଶ୍ୱବିଦ୍ୟାଳୟ ବାବଦରେ ଅବତାରଣା କରିଥିଲେ । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ସହ ନୃତତ୍ତ୍ୱ ବିଭାଗର ଅଧାପିକା ଡକ୍ଟର ମୀରା ସ୍ୱାଇଁ ଏବଂ ଅନ୍ୟ ବିଭାଗର ଅଧାପକ, ଅଧାପିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଅଧାପିକା ଡକ୍ଟର କଲ୍ୟାଣୀ ରଥ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅଧାପକ ମୀନକେତନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

# ‘ଆଲୋକ’ ଅନୁଷ୍ଠାନର ପ୍ରତିଷ୍ଠା ଦିବସ



ବୁର୍ଲା : ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଆଲୋକ’ର ପଞ୍ଚମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦକ ମନୋଜ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ଭିଏସଏସୟୁଟିର ପ୍ରଫେସର ଗଣେଶ୍ୱର ନାଥ, ହିଣ୍ଡାଲ୍‌କୋ ହୀରାକୁଦର ସିଏସ୍-ଆର ମୁଖ୍ୟ ସୁକାନ୍ତ ମହାପାତ୍ର, ରୋଟାରୀ କ୍ଲବ ବୁର୍ଲାର ସଭାପତି ପ୍ରଫେସର ସଞ୍ଜୟ ପଟ୍ଟନାୟକ, ଭିମସାରର ଡାକ୍ତର ଶଶିଭୂଷଣ ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ବିଭିନ୍ନ ପ୍ରକଳ୍ପରେ ସହଯୋଗ କରିଆସୁଥିବା ପ୍ରଫେସର ରାମ ନରେଶ ମହାଲିଙ୍ଗ, ଡ ସ୍ୱୟଂ ପ୍ରକାଶ ପଣ୍ଡା, ରାମଦାସ ପଣ୍ଡା, ନିରୁପମା ନାୟକ, ପ୍ରଫେସର ନିହାର ରଞ୍ଜନ ଶତପଥି, ଅନୀଳ ମିଶ୍ର, ଶର୍ମିଳା ଗଡ଼ନାୟକ, ମିନତୀ ପାଢ଼ୀ, ମମତା ବାରିକ, ଦୀପାଳି ନାଏକ, ସତ୍ୟନାରାୟଣ ପାଢ଼ୀ, ଲକ୍ଷ୍ମୀନାରାୟଣ ବାରିକ, ଗୌରୀ ଶଙ୍କର ବେରିହା, ହିରକ ଚକ୍ରବର୍ତ୍ତୀ, ଡ. ଭବାନୀ ପ୍ରସାଦ ବାଗ, ପ୍ରଫେସର ପ୍ରଭାତ ସାହୁ, ପ୍ରଫେସର ପ୍ରୟାସ ଡନସେନା, ପ୍ରଫେସର ସଞ୍ଜିତ ସାହୁ, ସସ୍ମିତା ପାଣିଗ୍ରାହୀ ଓ ଅଶୋକ ଦାସ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଆକୃତି ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା । ଏହି ପ୍ରକଳ୍ପରେ ଶିଶୁଙ୍କ ପାଇଁ ଏକ ବଗିଚା ସୃଷ୍ଟି କରାଯାଇଛି । ସେଥିରେ ବିଭିନ୍ନ ଗଛ ଲଗାଇ କେଉଁଥିରେ କେଉଁ ଭିଟାମିନ ମିଳିବ ତାହାର ସୂଚନା ମଧ ଦିଆଯାଇଛି ।

# ହୀରାଖଣ୍ଡ ସାମ୍ମୁଖ୍ୟର ପ୍ରତିଷ୍ଠା ଦିବସ



ସମ୍ବଲପୁର : ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅନୁଚ୍ଛେଦରେ ସାମିଲ କରିବା ପାଇଁ ହୀରାଖଣ୍ଡ ସାମ୍ମୁଖ୍ୟ ତା’ର ଆନ୍ଦୋଳନ ଜାରି ରଖିବ । ଏଥିପାଇଁ ବିଭିନ୍ନ ସମୟରେ ଆଲୋଚନାଚକ୍ର ଆୟୋଜନ କରିବାସହ ବିଭିନ୍ନ ଫୋରମ୍‌ରେ ଦାବି କରାଯିବ ବୋଲି ହୀରାଖଣ୍ଡ ସାମ୍ମୁଖ୍ୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ନିଷ୍ପତ୍ତି ନିଆଯାଇଛି । ସାମ୍ମୁଖ୍ୟର ସଭାପତି ରାମାନୁଜ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବରଗଡ଼ ଜିଲ୍ଲା କଳାପାଣିର ଗାନ୍ଧୀ ମେମୋରିଆଲ କଲେଜର ଅଧକ୍ଷ ମୋହନ ସାହୁ ମୁଖ୍ୟଅତିଥି ଓ କ୍ଷେତ୍ରମଣି ବିଭାର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ କଣ୍ଠଶିଳ୍ପୀ ବିଭୂତି ଭୂଷଣ ପଟ୍ଟନାୟକ ଓ ସମ୍ବଲପୁରୀ ଧନୁଯାତ୍ରା କମିଟିକୁ ‘ହୀରାଖଣ୍ଡ ସମ୍ମାନ’ ରେ ସମ୍ମାନିତ କରାଯାଇଥିଲା । ଧନୁଯାତ୍ରା କମିଟି ପକ୍ଷରୁ ଏହାର ସଭାପତି ସଞ୍ଜୟ ବାବୁ ସମ୍ମାନ ଗ୍ରହଣ କରିଥିଲେ । ପୁର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସଭାରେ ପୁରସ୍କୃତ କରାଯାଇଥିଲା । ଯୁଗ୍ମ ସମ୍ପାଦକ ତର୍ପଣ ପ୍ରଧାନ ବାର୍ଷିକ ବିବରଣୀ ଓ ଦୀପକ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ରେଳ ମଣ୍ଡଳ ନିରାପତ୍ତା ବିଭାଗ ପକ୍ଷରୁ ଆଲୋଚନାଚକ୍ର

ସମ୍ବଲପୁର: ସମ୍ବଲପୁର ରେଳ ମଣ୍ଡଳ ନିରାପତ୍ତା ବିଭାଗ ପକ୍ଷରୁ ‘ଦୁର୍ଘଟଣାର କାରଣ




ପ୍ରତିରୋଧ ଶୀର୍ଷକ’ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ଏହା ଉଦ୍‌ଘାଟନ କର ନିରାପତ୍ତା ନିୟମ ପ୍ରଭାବିତ କରୁଥିବା କୌଣସି ପ୍ରକାର ଶର୍ଟକର୍ଟ ପ୍ରଣାଳୀ ଗ୍ରହଣ ନ କରିବାକୁ ନିରାପତ୍ତା ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଟ୍ରେନ୍ ଚଳାଚଳରେ ସୁରକ୍ଷା ବୃଦ୍ଧି ପାଇଁ ସମସ୍ତ ପ୍ରକାର ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ପୂର୍ବତଟ ରେଳବାଇ ଯାତ୍ରୀ ପରିବହନ ମୁଖ୍ୟ ପ୍ରବନ୍ଧକ ଜେ.ପି.ମିଶ୍ର ଟ୍ରେନ୍ ଚଳାଚଳରେ ନିରାପତ୍ତା ଓ ସମୟାନୁବର୍ତ୍ତିତାକୁ ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ ଟ୍ରେନ୍ ଚଳାଚଳ ନିରାପତ୍ତା କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ବୃଦ୍ଧି ପାଇଁ କର୍ମଚାରୀଙ୍କ ତାଲିମକୁ ଗୁରୁତ୍ୱ ଦେଇଥିଲେ । ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକ ଆଲୋଚନାଚକ୍ରର ସଂଯୋଜନା କରିଥିବା ବେଳେ ବରିଷ୍ଠ ମଣ୍ଡଳ ସଙ୍କେତ ଓ ଦୂର ସଞ୍ଚର ଯନ୍ତ୍ରୀ ପ୍ରଭାତ କୁମାର, ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଟିଆଇଡି) ଧୀରେନ୍ଦ୍ର ସିଂ, ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ(ଓପି) ବିନାୟକ ବେହେରା, ବରିଷ୍ଠ ମଣ୍ଡଳ ଯନ୍ତ୍ରୀ ତତ୍ତ୍ୱଦର୍ଶୀ ସାହୁ, ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଗରିମା ତିୱାରୀ, କୋଚିଂ ଡିପୋ ଅଧିକାରୀ ଆଦିତ୍ୟ ସେଠୀ ଦୁର୍ଘଟଣାର କାରଣ ଓ ପ୍ରତିରୋଧ ଶୀର୍ଷକ ଉପରେ ପୃଥକ ପାୱାର ପଏଣ୍ଟ ତଥ୍ୟ ଉପସ୍ଥାପନ କରିଥିଲେ । ମଣ୍ଡଳ ରେଳ ପ୍ରବନ୍ଧକ ପାଣ୍ଡେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ନିରାପତ୍ତାର ଶପଥ ପାଠ କରାଇଥିଲେ ।

# ବୁର୍ଲା ରୋଟାରୀ କ୍ଲବର ସଂସ୍ଥାପନା ଉତ୍ସବ



ବୁର୍ଲା : ବୁର୍ଲା ରୋଟାରି କ୍ଲବର ୪୬ତମ ସଂସ୍ଥାପନା ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଏଥିରେ ବିଦାୟୀ ସଭାପତି ରମେଶ ଚନ୍ଦ୍ର ଆଚାର୍ଯ୍ୟ ଓ ସମ୍ପାଦକ ବ୍ରଜ ବିହାରୀ ପଣ୍ଡା ପ୍ରଫେସର ସଂଜୟ ପଟ୍ଟନାୟକଙ୍କୁ ସଭାପତି ଓ ଶଶିଭୂଷଣ ବିଶ୍ୱାଳଙ୍କୁ ସମ୍ପାଦକ ପଦ ହସ୍ତାନ୍ତର କରିଥିଲେ ।

ବିଭିନ୍ନ ବିଭାଗର ଉପଦେଷ୍ଟା ଭାବେ ବିଜୟ ତ୍ରିପାଠୀ, ସୁରିନ୍ଦର ସିଂ କାବଲି, ରାଜ କିଶୋର ଯାଯୋଡ଼ିଆ, କୃଷ୍ଣକାନ୍ତ ଗୁପ୍ତା, ଦେବେନ୍ଦ୍ର କାପାନୀ, ପ୍ରମୋଦ ଚନ୍ଦ୍ର ନାଏକ, ଇଂ ଶିବ ପାଢ଼ୀ ମନୋନୀତ ହୋଇଥିଲେ । ଏହାଛଡ଼ା ଦେବଦତ୍ତ ମିଶ୍ର, ଚିତ୍ତରଞ୍ଜନ ମହାପାତ୍ର, ଦେବେନ୍ଦ୍ର ମହାଲିକ, ମଳୟ ମହାନନ୍ଦ, ବ୍ରଜ ମୋହନ ମିଶ୍ର ନିର୍ଦ୍ଦେଶକ ଭାବେ ପଦଭାର ଗ୍ରହଣ କରିଥିଲେ । ଏହି ଅବସରରେ କ୍ଲବର ମୁଖପତ୍ର ‘ବୁର୍ଲାନ୍’ ଉନ୍ମୋଚିତ ହୋଇଥିଲା ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra